ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.223, Bhubaneswar Thursday, October 17, 2019 | ୨୨ତମ ବର୍ଷ ସଂଖ୍ୟା-୨୨୩ ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୧୭, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଡଃ ଏପିଜେ ଅବଦୁଲ କଲାମଙ୍କ ୮୮ତମ ଜୟନ୍ତୀ ପାଳିତ




ଶୈଶବ ଇଣ୍ଡିଆ ଫାଉଣ୍ଡେସନ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କାଲାମଙ୍କ ୮୮ତମ ଜୟନ୍ତୀ ପାଳିତ। ମୁଖ୍ୟଅତିଥି ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି, ମନୋଜ ମହାପାତ୍ର, ଡକ୍ଟର ଅଭୟ ନାୟକ କୁଳସଚିବ, ନାଇଜର, ଗୋବିନ୍ଦ ରଥ, ବୀଣାପାଣି ଜୟସିଂହ, ଜନଜାତି ଓ ଉପଜାତି ତଥା ସଂଖ୍ୟାଲଘୁ ସମ୍ପ୍ରଦାୟର ଉପଦେଷ୍ଟା ମୁନ୍ନା ଖାଁ, ଟ୍ରଷ୍ଟି ଚିତ୍ତରଞ୍ଜନ ମିଶ୍ର, ମୁଖ୍ୟ ଆୟୋଜକ ରଜନୀକାନ୍ତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ଜେନା, ରାଧାରମଣ ଗୋସ୍ୱାମୀ, ଅଧିର ନନ୍ଦ, କାମିନି କୁମାର ସ୍ୱାଇଁ,ଚୁମକୀ ବେହେରା ଓ ସାଦିକ୍ ଅଲ୍ଲି।

ଭୁବନେଶ୍ୱର, ୧୫।୧୦(ପି.ଏନ): ଭାରତ ରତ୍ନ ଏବଂ ପୂର୍ବତନ ରାଷ୍ଟ୍ରପତି ଡଃ ଏପିଜେ ଅବଦୁଲ କଲାମଙ୍କ ୮୮ତମ ଜୟନ୍ତୀ ଅବସରରେ ଶୈଶବ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ଆଜି ଜୟଦେବ ଭବନଠାରେ ଗୋଟେଦିନ କଲାମଙ୍କ ପାଇଁ ଅନୁଷ୍ଠିତ ହୋଇଅଛି। ଓଡିଶା ବିଧାନସଭା ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଉକ୍ତ ଦିବସରେ ପାଳିତ ହେଉଥିବା ବିଶ୍ୱ ଛାତ୍ର ଦିବସକୁ ଆନୁଷ୍ଠାନିକଭାବେ ଉଦଘାଟନ କରି ସେ ନିଜ ବକ୍ତବ୍ୟରେ ମିଜାଇଲମ୍ୟାନ କଲାମଙ୍କ ରାଷ୍ଟ୍ରଭକ୍ତି ତଥା ଦେଶ ପାଇଁ ତାଙ୍କର ବିଶେଷ ଅବଦାନର ବ୍ୟାଖ୍ୟା କରିଥିଲେ। ସେ ଶୈଶବ ଇଣ୍ଡିଆ ଫାଉଣ୍ଡେସନର କ୍ରମାଗତ ଭାବେ ୫ମ ଥର ପାଇଁ ଏଭଳି ମହାନ ବ୍ୟକ୍ତିର ସ୍ମୃତିସଭା ରାଜଧାନୀରେ ପାଳନ କରୁଥିବାରୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ମନୋଜ କୁମାର ମହାପାତ୍ର କଲାମଙ୍କ ଜୀବନୀର ଉତଥାନ ପତନର ନିଛକ ସତ୍ୟଘଟଣା,ଜଣେ ସରଳ ଏବ ନିରାଡମ୍ବର ଜୀବନ ବିତାଇଥିବା ଡଃ କଲାମଙ୍କ ସ୍ମୃତିଚାରଣ ପୂର୍ବକ ଦେଶ ପ୍ରିତୀ ପ୍ରସଙ୍ଗରେ ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲେ ଏବଂ ନିଜ ଅନୁଭୂତିରୁ କଲାମଙ୍କ ଜୀବନୀ ଉପରେ ଆଧାରିତ କିଛି ପୁସ୍ତକ ରଚନା କରିଥିବା କଥା ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡଃ ଅଭୟ ନାୟକ,କୂଳସଚୀବ-ନାଇଜର, ଏବଂ ଶ୍ରୀ ଗୋବିନ୍ଦ ରଥ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କଲାମଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପାରମ୍ଭରେ ସଂସ୍ଥାର ସଂପାଦିକା ବୀଣାପାଣି ଜୟସିଂ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବାବେଳେ ଜନଜାତି ଓ ଉପଜାତି ତଥା ସଂଖ୍ୟା ଲଘୁ ସମୁଦାୟର ଉପଦେଷ୍ଟା ମୁନ୍ନା ଖାନ ସ୍ୱାଗତ ଭାଷଣ ଦେଇଥିଲେ। ସାରା ବିଶ୍ୱରେ ପାଳିତ ହେଉଥିବା ଏଭଳି କାର୍ଯ୍ୟକ୍ରମକୁ ସଂସ୍ଥାର ଟ୍ରଷ୍ଟି ବୈଜ୍ଞାନିକ ଚିତ୍ତ ରଂଜନ ମିଶ୍ର ଅଧକ୍ଷତା କରି କଲାମଙ୍କ ଆଦର୍ଶ ଉପରେ ଅଲୋକପାତ କରି ଛାତ୍ରମାନଙ୍କ ଭିତରେ ବୈଜ୍ଞାନିକ ମନୋଭାବକୁ ଜାଗ୍ରତ କରିଥିଲେ।କଲାମଙ୍କ ଏକ ଫଟୋଚିତ୍ରକୁ ଅତିଥିମାନେ ଉନ୍ମୋଚନ କରି ସଂସ୍ଥା ତରଫରୁ ଲୋକାର୍ପଣ କରାଯାଇଥିଲା। ପ୍ଲାଷ୍ଟି ବ୍ୟବହାର ବର୍ଜନ କରିବା ଏବଂ ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଜୀବନ ବଂଚାଇବା ସଚେତନତା ବାର୍ତ୍ତା ପ୍ରସାରଣ ଉଦ୍ଦେଶ୍ୟରେ ଏକ କାଗଜ ବ୍ୟାଗ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ୧୨ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ଡଃ ଏପିଜେ ଅବଦୁଲ କଲାମ ସମ୍ମାନରେ ଏକ ମାନ ପତ୍ର ,ଉପଢୌକନ, କଲାମଙ୍କ ଫଟୋଚିତ୍ର ଏବଂ ଟ୍ରଫି ପ୍ରଦାନ ପୂର୍ବକ ସଂବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଆୟୋଜକ ରଜନୀକାନ୍ତ ସାମନ୍ତରାୟ ସଭା ପରିଚାଳନା କରିଥିବାବେଳେ ଗୋବିନ୍ଦ ଚନ୍ଦ୍ର ଜେନା, ରାଧାରମଣ ଗୋସ୍ୱାମୀ, ଅଧୀର ନନ୍ଦ,କାମିନୀ କୁମାର ସ୍ୱାଇଁ , ଚୁମକୀ ବେହେରା, ସାଦିକ୍ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

### ବିଜେପି ଛାଡିଲେ ବରିଷ୍ଠ ନେତା ଦାମୋଦର ରାଉତ

ଭୁବନେଶ୍ୱର, ୧୫।୧୦(ପି.ଏନ): ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ବୁଧବାର ବିଜେପି ଛାଡିଛନ୍ତି। ସେ ନିଜ ଇସ୍ତଫା ପତ୍ର ଦଳର ସଭାପତି ବସନ୍ତ ପଣ୍ଡାଙ୍କୁ ପଠାଇଛନ୍ତି। ସାଧାରଣ ନିର୍ବାଚନ ପରେ ଦଳୀୟ କାର୍ଯ୍ୟକ୍ରମ ଓ ନିଷ୍ପତିରେ ତାଙ୍କୁ ସାମିଲ କରାଯାଉନଥିବାରୁ ଏବଂ ଅଣଦେଖା କରାଯାଇଥିବାରୁ ସେ ଇସ୍ତଫା ଦେଉଥିବା ଇସ୍ତଫାପତ୍ରରେ ଡା. ରାଉତ ଉଲ୍ଲେଖ କରିଛନ୍ତି। ଦୀର୍ଘ ୭ ମାସ ଧରି ଦଳରେ ଅଣନିଶ୍ୱାସୀ ହେବା ତାଙ୍କ ଇସ୍ତଫାର ଅନ୍ୟତମ କାରଣ ବୋଲି ସେ କହିଛନ୍ତି। ଇସ୍ତଫା ଦେବା ପରେ ପ୍ରତିକ୍ରିୟା ଦେଇ ଡା. ରାଉତ କହିଛନ୍ତି ଯେ ସେ ବିଜୁ ବାବୁଙ୍କୁ ଆନୁଗତ୍ୟ ବ୍ୟକ୍ତି । ବିଜୁ ବାବୁ ଚାଲିଯିବା ପରେ ସେ ତାଙ୍କ ପୁଅ ସହ ରହିଲେ ଏବଂ କାମ କଲେ। ସ୍ୱର୍ଗତ ବିଜୁ ବାବୁ ତାଙ୍କୁ ରାଜନୀତିକୁ ଆଣିଥିଲେ। ତାଙ୍କର ସୁଯୋଗ୍ୟ ପୁତ୍ର ନବୀନ ବାବୁଙ୍କ ଶାସନ କାଳରେ ସେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ। ମନ୍ତ୍ରୀ ଥିବା ସମୟରେ ତାଙ୍କ ବିଭାଗରେ ବହୁ ଦୁର୍ନୀତି ହୋଇଥିବା ହୃଦବୋଧ ହୋଇଥିଲା। ତାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ କରିବାରୁ ସେ ମନ୍ତ୍ରି ମଣ୍ଡଳରୁ ବିଦା ହୋଇଥିଲେ। ଏହି ସମୟରେ ବିଜେପି ଦଳର ନେତାମାନେ ତାଙ୍କୁ ଦଳରେ ମିଶାଇଥିଲେ । ସେମାନଙ୍କ ପାଇଁ ସେ ନିର୍ବାଚନ ପ୍ରଚାର କଲେ। ନିର୍ବାଚନ ପରେ ସେ ଅଲୋଡା ହୋଇଗଲେ। ଏକ ପ୍ରଶ୍ନର ଉତର ଦେଇ ସେ କହିଛନ୍ତି ଯେ ମାର୍ଗଦର୍ଶକ ହୋଇ ମାର୍ଗରୁ ପଥର ମଧ୍ୟ ଉଠାଇବାକୁ ଦେଲେନି। ଇସ୍ତଫା ଦେବାନେଇ କାହା ସହ ଆଲୋଚନା କରିବାକୁ ମଧ୍ୟ ସୁଯୋଗ ମିଳିଲାନାହିଁ। ଇସ୍ତଫା ଦେବା ପରେ ସେ ରଚନାତ୍ମକ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିବେ।

## ୧୮ରେ ବିଜେପୁରରେ ପ୍ରଚାର କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୫।୧୦(ପି.ଏନ): ଆସନ୍ତା ୧୮ ତାରିଖ ଦିନ ବିଜେପୁର ଉପନିର୍ବାଚନ ପ୍ରଚାର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଷ୍କିଲ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଉକ୍ତ ଦିନ ସକାଳ ୧୦ଟାରେ ବିଜେପୁର ଏନଏସି ଠାରେ ରୋଡ ସୋରେ ସାମିଲ ହେବେ । ଏହା ପରେ ଅପରାହ୍ନ ୨ଟାରେ ବରପାଲିର ବନ୍ଧପାଲିଠାରେ ରୋଡ ସୋ ରେ ସାମିଲ ହେବେ । ଏହା ପରେ ଅପରାହ୍ନ ୨.୩୦ରେ ଗୋପେଇପାଲିରେ ରୋଡ ସୋ କରିବେ । ଶେଷରେ ଅପରାହ୍ନ ୪ ଟାରେ ବରପାଲି ଏନଏସି ଠାରେ ରୋଡ ସୋରେ ସାମିଲ ହେବାର କାର୍ଯ୍ୟକ୍ରମ ଅଛି ବୋଲି ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଶ୍ରୀ ପ୍ରଧାନ ରୋଡ ସୋ ମାଧ୍ୟମରେ ବିଜେପୁରବାସୀଙ୍କୁ ବିଜେପି ପାର୍ଥୀ ସନତଙ୍କ ପାଇଁ ଭୋଟ ମାଗିବେ ।

## ଜଳ ସଂପଦ ମନ୍ତ୍ରୀଙ୍କ ବିଭାଗୀୟ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୧୫।୧୦(ପି.ଏନ): ରାଜ୍ୟ ଜଳ ସଂପଦ ବିଭାଗ ଅଧିନରେ ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚ ଅଟକଳ କରାଯାଇଥିଲା । ସେହିସବୁ ପ୍ରକଳ୍ପ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରି ଆଗାମୀ ମାର୍ଚ୍ଚ ମାସ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବା ଉପରେ ଆଜି ସ୍ଥାନୀୟ ରାଜୀବ ଭବନଠାରେ ବିଭାଗୀୟ କାର୍ଯ୍ୟର ଏକ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ଜଳସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀଶ୍ରୀ ରଘୁନନ୍ଦନ ଦାସ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରକଳ୍ପଗୁଡିକ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝି ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଜଳମଗ୍ନ ହୋଇ ରହୁଥିବା ଖାଲୁଆ ଚାଷ ଜମି ଅଂଚଳରୁ ଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ନିମନ୍ତେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି କରି ଏହାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ମନ୍ତ୍ରୀ ଶ୍ରୀ ଦାସ ପରାମର୍ଶ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସେ ବାବଦରେ କରାଯାଉଥିବା ଖର୍ଚ୍ଚ ବିବରଣୀ ୧୫ ଦିନରେ ଥରେ ବିଭାଗକୁ ପ୍ରଦାନ କରିବାକୁ ବୈଠକରେ ଜଳ ସେଚନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଏବଂ ଉଠାଜଳସେଚନ ପ୍ରକଳ୍ପଗୁଡିକର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ସଂପୃକ୍ତ ମୁଖ୍ୟ



ଯନ୍ତ୍ରୀମାନେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତାରେ ହୋଇଥିବା ଖର୍ଚ୍ଚ ସଂପର୍କରେ ତଥ୍ୟ ରଖିଥିଲେ । ରାଜ୍ୟ ସରକାର ଜଳସେଚନ କ୍ଷେତ୍ରର ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ଏବଂ ଏ ବାବଦରେ ଆକଳନ କରାଯାଇଥିବା ଖର୍ଚ୍ଚକୁ ସଠିକ୍ ବିନିଯୋଗ କଲେ ଚାଷୀଙ୍କ ହିତ ସାଧନ ହୋଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ କୁମାର ପରାମର୍ଶ ଦେଇଛନ୍ତି । ବୈଠକରେ ସୁବର୍ଣ୍ଣରେଖା ଜଳ ସେଚନ ପ୍ରକଳ୍ପ, ମହେନ୍ଦ୍ର ତନୟା ଜଳସେଚନ ପ୍ରକଳ୍ପ, ପାର୍ବତୀଗିରି ମେଗା ଉଠାଜଳ ସେଚନ ପ୍ରକଳ୍ପ, ପୋଟେରୁ ଜଳ ସେଚନ ପ୍ରକଳ୍ପ, ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ, କାନୁପୁର ଜଳ ସେଚନ ପ୍ରକଳ୍ପ, ରେଙ୍ଗାଲୀ ଜଳ ସେଚନ ପ୍ରକଳ୍ପ, ଦେଓ ଜଳ ସେଚନ ଆଦି ବିଭିନ୍ନ ଜଳ ସେଚନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେତେକ ପ୍ରକଳ୍ପଗୁଡିକ କାର୍ଯ୍ୟକାରିତାରେ ଭୂ-ଅଧିଗ୍ରହଣ ସମସ୍ୟାର ସମାଧାନ, ମହେନ୍ଦ୍ର ତନୟା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟକାରିତାରେ ଜନ ଜୀବନ କିପରି ଉପକୃତ ହେଉଛନ୍ତି ସେ ସଂପର୍କରେ ଆକଳନ କରି ଜଳ ଆବଣ୍ଟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଡିସେମ୍ବର ସୁଦ୍ଧା ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତି ପରେ ଲୋୟର ଶୁକତେଲ ଜଳ ସେଚନ ପ୍ରକଳ୍ପ ଆରମ୍ଭ କରାଯିବା ନିମନ୍ତେ ଆଲୋକପାତ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଳ ସଂପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ପ୍ରଦୀପ କୁମାର ଦାଶ, ସର୍ବୋଚ୍ଚ ଯନ୍ତ୍ରୀ ଏ.କେ ବାନାର୍ଜୀ, ଲମ୍ବୋଦର ପ୍ରଧାନ, ଆର୍.ଏନ୍,ପ୍ରଧାନଙ୍କ ସମେତ ବିଭାଗର ବିଭିନ୍ନ ଶାଖାର ମୁଖ୍ୟ ଯନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ।

## ରାଜଧାନୀରେ ସେନା ପରୀକ୍ଷାର୍ଥୀଙ୍କ ଉତ୍ପାତ ଘଟଣା

ଭୁବନେଶ୍ୱର, ୧୫।୧୦(ପି.ଏନ): ସେନାରେ ଯୋଗଦେବା ପାଇଁ ନିଯୁକ୍ତି ପରୀକ୍ଷା ଦେବାକୁ ଆସି ଭୁବନେଶ୍ୱରରେ ଆତଙ୍କ ଖେଳାଇବା ପରେ କମିଶନରେଟ୍ ପୋଲିସ୍ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଭୁବନେଶ୍ୱର ଭିତରେ ଏପରି ପରୀକ୍ଷା ନକରିବାକୁ ପୋଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟ ସରକାର ଓ ୧୨୦ ବାଟାଲିୟନ ମୁଖ୍ୟଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହି ପରୀକ୍ଷା ଗ୍ରାମାଂଚଳ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ କରାଯିବା ଲାଗି ବି ଏହି ଚିଠିରେ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବୁଧବାର ଠାରୁ ଭୁବନେଶ୍ୱର ରେଳ ଷ୍ଟେସନରେ ୨ ପ୍ଲାଟୁନ୍ ଫୋର୍ସଙ୍କୁ ମୁତୟନ କରାଯାଇଛି। ଏହି ଫୋର୍ସଙ୍କୁ ଆରପିଏଫ୍ ଓ ଜିଆରପି ପକ୍ଷରୁ ଦିଲ୍ଲୀ ତଥା ଦ୍ରୁତଗାମୀ ଟ୍ରେନ୍ ପାଇଁ ମୁତୟନ କରାଯାଇଛି। କେବଳ ସେତିକି ନୁହେଁ, ଏହି ଫୋର୍ସ ପ୍ରଥମେ ଯାତ୍ରୀଙ୍କ ଟିକେଟ ଯାଂଚ କରିବେ। ଯେଉଁ ଯାତ୍ରୀଙ୍କ ଟିକେଟ ଅଛି, ସେହି ଯାତ୍ରୀଙ୍କୁ ହିଁ ବଗି ଭିତରକୁ ଛାଡିବେ। ଗତକାଲି ସେନା ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନେ ଭୁବନେଶ୍ୱର ଷ୍ଟେସନ୍ ରେ ଯାତ୍ରୀଙ୍କୁ ହଇରାଣ କରିବା ସହ ଭଙ୍ଗାରୁଜା କରିବା ଘଟଣା ପରେ ଏହି ନିଷ୍ପତି ନିଆଯାଇଛି। ସୂଚନାଯୋଗ୍ୟ ୮୪ ଟି ପଦବୀ ଲାଗି ଆୟୋଜିତ ସେନା ପରୀକ୍ଷା ଦେବାକୁ ହଜାର ହଜାର ପରୀକ୍ଷାର୍ଥୀ ଭୁବନେଶ୍ୱର ଆସିଥିଲେ । ପରୀକ୍ଷା ପରେ ଭୁବନେଶ୍ୱର ଆଇଜି ପାର୍କରେ ଉତର ପ୍ରଦେଶର ୩ ଛାତ୍ର ଯୁବତୀ ମାନଙ୍କୁ ଅସାଦାଚରଣ କରିବା ଓ ଆତଙ୍କ ଖେଳାଇଥିଲେ । ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି। ସେହିପରି ପରୀକ୍ଷା ସରିବା ପରେ ଉତ୍ତରପ୍ରଦେଶ ଓ ବିହାରର ପରୀକ୍ଷାର୍ଥୀମାନେ ଫେରିବା ପାଇଁ ପୁରୁଷୋତମ ଏକ୍ସପ୍ରେସ୍ ରେ ଜୋରଜବରଦସ୍ତ ଚଢ଼ିବା ସହ ଏକ୍ସପ୍ରେସ୍ ଲଗେଜ୍ ବଗିର ତାଲା ଭାଙ୍ଗି ଭିତରେ ପଶିଥିଲେ। ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କ ତୁମୁଳକାଣ୍ଡ ଯୋଗୁଁ ରାତି ଅଧରେ ଭୁବନେଶ୍ୱର ଷ୍ଟେସନ୍ରେ ତୀବ୍ର ଉତେଜନା ସୃଷ୍ଟି ହୋଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : ଫୁଲବାଣୀରେ ହେବ ମେଡ଼ିକାଲ କଲେଜ

ଭୁବନେଶ୍ୱର, ୧୫।୧୦(ପି.ଏନ): ରାଜ୍ୟର ପ୍ରତ୍ୟେକ ଅବିଭକ୍ତ ଜିଲ୍ଲା ମାନଙ୍କରେ ମେଡ଼ିକାଲ କଲେଜ ହସ୍ପିଟାଲ କରିବା ପାଇଁ ସରକାର ସ୍ଥିର କରିଛନ୍ତି । କନ୍ଧମାଳ ଜିଲ୍ଲାର ଫୁଲବାଣୀଠାରେ ମେଡ଼ିକାଲ କଲେଜ ହସ୍ପିଟାଲ କରାଯିବ । ଏହି ହସ୍ପିଟାଲ ୫୦୦ ଶଯ୍ୟା ବିଶିଷ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଜି ଘୋଷଣା କରିଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣାରେ କହିଛନ୍ତି ଯେ ସବୁ ଜିଲ୍ଲା ହସ୍ପିଟାଲରେ ଆଟେଣ୍ଡେଂଟ ମାନଙ୍କ ପାଇଁ ବିଶ୍ରାମ ଗୃହ କରାଯିବ । ରୋଗୀ ମାନଙ୍କୁ ଆର୍ଥିକ ସହାୟତା ଦେବାପାଇଁ ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ ଟଙ୍କ ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠିରୁ ଯୋଗାଇ ଦିଆଯିବ । ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବ। ବୌଦ୍ଧ ଜିଲ୍ଲା ହସ୍ପିଟାଲ ପାଇଁ ଜେଲ ଜମି ଏକ ମାସ ମଧ୍ୟରେ ଯୋଗାଇ ଦିଆଯିବ। ଏବଂ ସେଠାରେ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରାଯିବ। ପୁରୁଣା କିଡ଼ନୀ ରୋଗ ଉପରେ ଅନୁଧ୍ୟାନ କରିବା ପାଇଁ ହରଭଙ୍ଗା ବ୍ଲକକୁ ଏକ ଟିମ୍ ପଠାଯିବ। ଗୋଟିଏ ଆମ୍ବୁଲାନ୍ସ ଓ ଗୋଟାଏ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ । ସେହିପରି କଳାହାଣ୍ଡି ଜିଲ୍ଲା ହସ୍ପିଟାଲର ସମ୍ପ୍ରସାରଣ କରଯିବ । ୧୦୦ ଶଯ୍ୟା ବିଶିଷ୍ଟ କୋଠାଘର ନିର୍ମାଣ କରାଯିବ । ୩ଟି ଆମ୍ବୁଲାନ୍ସ ଏବଂ ଦୁଇଟି ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ । ରାୟଗଡ଼ା ଜିଲ୍ଲାର କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ହେଲ୍ଥ ସେଂଟରରେ ପାଣି ଯୋଗାଣ ବ୍ୟବସ୍ଥା ସହ କର୍ମଚାରୀ ମାନଙ୍କ ରହିବା ପାଇଁ କ୍ୱାଟର ଯୋଗାଇ ଦିଆଯିବ । ୪ ଆମ୍ବୁଲାନ୍ସ ଏବଂ ଗୋଟିଏ ମହାପ୍ରୟାଣ ଗାଡ଼ି ମଧ୍ୟ ଯୋଗାଇ ଦିଆଯିବ । ଘୋଷିତ ମୋ ସରକାର ଯୋଜନାରେ ୫ ଟି ବିଭାଗକୁ ସାମିଲ କରାଯିବ । ଏହି ଯୋଜନାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରାଯିବ ।

## ୧୫ ବର୍ଷରେ ସୂଚନା ଅଧିକାର ଆଇନ୍ ସ୍ୱଚ୍ଛତା ପାଇଁ ୫ଟି ନୁହେଁ, ସୂଚନା ଆଇନର ବ୍ୟାପକ ପ୍ରୟୋଗ ଜରୁରୀ : ଓଡ଼ିଶା ସୂଚନା ଅଧିକାର ଅଭିଯାନ

ଭୁବନେଶ୍ୱର, ୧୫।୧୦(ପି.ଏନ): ରାଜ୍ୟ ପ୍ରଶାସନରେ ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ଜନ ସହଭାଗିତା ରଖିବାକୁ ହେଲେ ୫ଟି ନୁହେଁ ବରଂ ସୂଚନା ଅଧିକାର ଆଇନ୍କୁ ଆହୁରି କ୍ରିୟାଶୀଳ କରେଇବା ଜରୁରୀ ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ସୂଚନା ଆଇନ୍ର ଚତୁର୍ଦ୍ଦଶ ପୂର୍ତି ଉପଲକ୍ଷେ କୁହାଯାଇଛି। ସମଗ୍ର ଦେଶରେ ସୂଚନା ଆଇନ୍ର ଚତୁର୍ଦ୍ଦଶ ପୂର୍ତି ପାଳନ କରାଯାଉଛି। ଅକ୍ଟୋବର ୧୨, ୨୦୦୫ ମସିହାରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହୋଇ ଆସୁଥିବା ସୂଚନା ଅଧିକାର ଆଇନ୍ ୧୫ବର୍ଷରେ ପଦାର୍ପଣ କରିଛି। ଏହି ଆଇନ୍କୁ ବ୍ୟବହାର କରି ଦେଶର ଜନସାଧାରଣ ସରକାରୀ ଦପ୍ତରରୁ ସୂଚନା ପାଇବା ସହିତ ପ୍ରଶାସନରେ ଉତରଦାୟିତ୍ୱ ଦାବୀ କରୁଛନ୍ତି। ଅନେକ ଏହି ଆଇନ୍କୁ ସେମାନଙ୍କର ଦୁର୍ନୀତି ବିରୋଧୀ ଲଢେଇରେ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସରକାରୀ ନାଳିଫିତା ତଳେ ଥିବା ଅନେକ ଗୋପନୀୟ କଥା ଲୋକଲୋଚନକୁ ଆସିବାରେ ଲାଗିଛି। ସାଧାରଣ ଲୋକେ ପ୍ରଶାସନକୁ ପ୍ରଶ୍ନ କରିବା, ଉତରଦାୟିତ୍ୱ ଦାବୀ କରିବା, ଦୁର୍ନୀତିର ଖୁଲାସା କରିବା ଇତ୍ୟାଦି ଦେଖିବାକୁ ମିଳୁଛି। କିନ୍ତୁ ଆମ ରାଜ୍ୟରେ ସୂଚନା ଆଇନ୍କୁ କ୍ରିୟାଶୀଳ ନକରେଇ ଦେବା ପାଇଁ ସରକାରୀ ଷଡ଼ଯନ୍ତ୍ର ଏବେ ବି ଜୀବନ୍ତ ରହିଛି। ତେଣୁ ରାଜ୍ୟ ସରକାର ସ୍ୱଚ୍ଛତା ଏବଂ ଦୁର୍ନୀତିମୁକ୍ତ ଶାସନ କଥା କହୁଥିଲେ ମଧ୍ୟ ସୂଚନା ଆଇନ୍ର କ୍ରିୟାଶୀଳତା ଉପରେ ନୀରବତା ଅବଲମ୍ବନ କରନ୍ତି। ଜନବିରୋଧୀ ଓଡ଼ିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ ଏବେ ବି ଅବୈଧ, ଉଦ୍ଭଟ ହୋଇରହିଛି। ବାଧ୍ୟତାମୂଳକ ଦରଖାସ୍ତ ଫର୍ମ ପ୍ରତ୍ୟାହାର, ସୂଚନା ପାଇଁ ଆବେଦନ ପ୍ରଣାଳୀ, ସରଳୀକରଣ, ନାଗରିକତ୍ୱ ପ୍ରମାଣ ପତ୍ର ଦାଖଲ ବ୍ୟବସ୍ଥା ପ୍ରତ୍ୟାହାର, ସୂଚନା ଆବେଦନ ପାଇଁ ଅନ୍ଲାଇନ୍ ବ୍ୟବସ୍ଥା କରିବା, ସ୍ୱୟଂ ପ୍ରକଟନୀୟ ସୂଚନାଗୁଡ଼ିକୁ ଓଡ଼ିଆ ଭାଷାରେ ପ୍ରକାଶ, ଆର.ଟି.ଆଇ ପୋର୍ଟାଲରେ ସ୍ଥାନିତ ସୂଚନା ଗୁଡ଼ିକୁ ଅପଗ୍ରେଟେଡ଼ କରିବା ପାଇଁ ଅଭିଯାନ ତରଫରୁ ବାରମ୍ବାର ଦାବୀ ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାଁନ୍ତି। ରାଜ୍ୟରେ ସୂଚନା ଅଧିକାର କର୍ମୀମାନଙ୍କର ଲଗାତର ଉଦ୍ୟମ ଏବଂ ଲଢେଇ ଯୋଗୁ ସୂଚନା ଆଇନ୍ ବଂଚି ରହିଛି। ସୂଚନା କମିଶନ ପଦବୀରେ ଅଯୋଗ୍ୟ ଅନଭିଜ୍ଞ ଲୋକମାନଙ୍କୁ ନିଯୁକ୍ତି ଦିଆଯାଉଥିବାରୁ କେସ୍ ଶୁଣାଣୀରେ ଅଯଥାବିଳମ୍ବ ହେଉଛି ଏବଂ ବର୍ଷେ ବର୍ଷେ ଧରି ହଜାର ହଜାର କେସ୍ ଶୁଣାଣୀ ପାଇଁ ପଡ଼ିରହୁଛି। ଉଦାହରଣ ସ୍ୱରୂପ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀଙ୍କ କୋର୍ଟରେ ୨୦୧୬ ମସିହାର କେସ୍ର ଶୁଣାଣି ଚାଲିଛି।୧୦ ହଜାରରୁ ଉର୍ଦ୍ଧ୍ୱ କେସ୍ ଶୁଣାଣୀ ପାଇଁ ପଡ଼ିରହିଛି। ସୂଚନା ଆଇନ୍କୁ ବ୍ୟବହାର କରି ଦୁର୍ନୀତି ବିରୋଧରେ ଲଢୁଥିବା ସୂଚନାଧିକାର କର୍ମୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ, ହତ୍ୟା ଧମକ, ମିଥ୍ୟା କେସ୍ରେ ଜେଲ ପଠାଇଦେବା ଇତ୍ୟାଦି ବଢ଼ି ବଢ଼ି ଚାଲିଛି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ରାଜ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍ ହୋଇଛି। ତେଣୁ ରାଜ୍ୟରେ ସ୍ୱଚ୍ଛ, ଉତରଦାୟୀ ଏବଂ ଦୁର୍ନୀତିମୁକ୍ତ ଶାସନ ପାଇଁ ସୂଚନା ଆଇନର କଡ଼ାକଡ଼ି କାର୍ଯ୍ୟକାରିତା ଜରୁରୀ। ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ର କାର୍ଯ୍ୟକାରୀ କରିବାକୁ ହେଲେ ସୂଚନା ଅଧିକାର ଆଇନ୍କୁ ଆହୁରି ବ୍ୟାପକ କରିବାକୁ ପଡ଼ିବ। ସୂଚନା ଆଇନ୍କୁ ତଳିତଳାନ୍ତ କରି ୫ଟି ପ୍ରଚାର କରି ସ୍ୱଚ୍ଛ ଶାସନ କଦାପି ହୋଇପାରିବ ନାହିଁ ବୋଲି ଓସା ତରଫରୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ତେଣୁ ଓଡ଼ିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ର ସଂଶୋଧନ, ସୂଚନା ଆଇନର ଧାରା ୪ (୧ବି) ଅଧିନସ୍ଥ ସୂଚନାଗୁଡ଼ିକୁ ଓଡ଼ିଆ ଭାଷାରେ କରିବା, ସୂଚନାଧିକାର କର୍ମୀ ମାନଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ସୂଚନାଧିକାର କର୍ମୀ ସଂଯୁକ୍ତା ପାଣିଗ୍ରାହୀ, ଶ୍ରୀକାନ୍ତ ପାକଳ, ରଞ୍ଜନ କୁମାର ଦାସ, ଦିଲ୍ଲିପ ସାମନ୍ତରାୟ, ସନ୍ଦିପ ସାହୁ, ସୁଧୀର ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ଜିଲା ମୁଖ୍ୟ ଡାକ୍ତରଖାନାରେ ଶଯ୍ୟା ଅଭାବ : ବାରଣ୍ଡାରେ ପ୍ରସୂତି ଗଡୁଛନ୍ତି : ସ୍ଥିତି ପରଖିଲେ ଜିଲାପାଳ

ଭଦ୍ରକ, ୧୫।୧୦(ପି.ଏନ): ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ୱାର୍ଡରେ ଏବେ ସାଂଘାତିକ ପରିସ୍ଥିତି। ୱାର୍ଡରେ ପାଦ ରଖିବାକୁ ଇଞ୍ଚେ ଜାଗା ନାହିଁ। ୱାର୍ଡ ବାରଣ୍ଡା, ଓଟି ସାମନା ପରେ ଏବେ ପ୍ରସୂତି ୱାର୍ଡ ସିଡି ପାହାଚରେ ଗଡୁଛନ୍ତି ପ୍ରସୂତି। ସିଡି ପାହାଚରେ ନବଜାତକୁ ଧରି ଯାକଯୁକି ହୋଇ ପ୍ରସୂତି ବସି ରହିଥିବାବେଳେ ଆଉ କିଛି ନିଜ ଆତ୍ମୀୟଙ୍କୁ ଧରି ପ୍ରସବ ବେଦନାରେ ଛଟପଟ ହେଉଛନ୍ତି। ସେଇ ବାଟ ଦେଇ ଡାକ୍ତରଙ୍କ ଠାରୁ ଆରମ୍ଭ କରି ନର୍ସ, ଆଶାକର୍ମୀ ଏବଂ ପ୍ରସୂତିଙ୍କ ପରିବାର ଏବଂ ଲୋକ ଚଳପ୍ରଚଳ ହେଉଛନ୍ତି। ହେଲେ ଘଟଣା ଦେହସୁହା ହୋଇଯିବା ଭଳି ସମସ୍ତେ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ପ୍ରସୂତି ୱାର୍ଡ ବାରଣ୍ଡାରେ କିଏ ଚଦର ବିଛାଇ ଶୋଇଛି ତ କିଏ ଖବରକାଗଜ ଅଥବା ଲଙ୍ଗଳା ବାରଣ୍ଡାରେ ପଡି ପ୍ରସବ ବେଦନାରେ ଛଟପଟ ହେଉଛି। ଡାକ୍ତରଖାନାରେ ପ୍ରସୂତିଙ୍କୁ ଜାଗା ମିଳୁନଥିବାବେଳେ ସେମାନଙ୍କ ସହ ଆସିଥିବା ଅଭିଭାବକ ଛିଡା ଛିଡା ଦିନ କାଟୁଛନ୍ତି। ଏହିଭଳି ଏକ ଅମାନବୀୟ ଏବଂ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ମୁଖ୍ୟ ହସ୍ପିଟାଲ ପ୍ରସୂତି ବିଭାଗରେ । ଏହିଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାରେ କଟକ ରେଫର କରି ଦିଆଯାଇଥିବା ଜଣେ ପ୍ରସୂତି କଟକ ଯାଉ ଯାଉ ୱାର୍ଡ ବାରଣ୍ଡାରେ ପ୍ରସବ କରିପକାଇଥିଲେ। ଏହା ସତ୍ତ୍ୱେ ମଧ ସୁଧୁରିନି ଜିଲା ହସ୍ପିଟାଲର ପ୍ରସୂତି ୱାର୍ଡର ଚିତ୍ର। ଘଟଣା ପରେ ଜିଲା ହସ୍ପିଟାଲର ସ୍ଥିତି ପରଖିବା ଲାଗି ଜିଲାପାଳ ଜ୍ଞାନ ଦାସ ସଦଳବଳେ ଡାକ୍ତରଖାନାର ସ୍ଥିତି ପରଖିଛନ୍ତି। ଜିଲାପାଳ ପ୍ରସୂତି ୱାର୍ଡ ସହିତ ଏହାର ପାଖ ଆଖ ଅଂଚଳ ପରିଦର୍ଶନ କରି ପରିସ୍ଥିତିକୁ କିଭଳି ରୋକାଯାଇ ପାରିବ ସେଥିନେଇ ସିଡିଏମ୍ଓ ଏବଂ ବିଭାଗୀୟ ଡାକ୍ତର କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ହେଲେ ସମାଧାନର କୌଣସି ବାଟ ନପାଇ ଜିଲାପାଳ ମାତ୍ର ୧୦/୧୫ ମିନିଟ୍ ହସ୍ପିଟାଲରେ ରହି ଫେରି ଆସିଛନ୍ତି। ଭଦ୍ରକ ଜିଲା ସହିତ ଆଖପାଖ ଜିଲାର ପ୍ରାୟ ୩ୟ ଲକ୍ଷ ଲୋକ ନିର୍ଭରଶୀଳ ହେଉଥିବା ଏହି ଜିଲା ହସ୍ପିଟାଲକୁ ଡେଲିଭରୀ ଲାଗି ଦୈନିକ ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ପ୍ରସୂତି ଆସୁଛନ୍ତି। ହେଲେ ଏତେ ସଂଖ୍ୟକ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ନା ଅଛନ୍ତି ଡାକ୍ତର ନା ଅଛି ଭିତିଭୂମି। ମାତ୍ର ୩୦ ଟି ବିଛଣାକୁ ନେଇ ଚାଲିଛି ଜିଲା ହସ୍ପିଟାଲର ପ୍ରସୂତି ୱାର୍ଡ। ଆବଶ୍ୟକତାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ବିଛଣା ସଂଖ୍ୟା ୩୫ କୁ ବୃଦ୍ଧି କରିଛନ୍ତି, ହେଲେ ତାହା ସମୁଦ୍ରକୁ ଶଙ୍ଖେ ସାବ୍ୟସ୍ତ ହୋଇଛି। ସରକାରୀ ଡାକ୍ତରଖାନା ପ୍ରସୂତି ୱାର୍ଡର ଏହି ଦୁରାବସ୍ଥାକୁ ଦେଖି ପ୍ରାୟ ୩୦ ଭାଗ ପ୍ରସୂତି ଘରୋଇ ନର୍ସିଂହୋମ୍ ପଳାଉଛନ୍ତି। ତଥାପି ମଧ ୭୦ ଭାଗ ପ୍ରସୂତିଙ୍କ ସେବା ଯୋଗାଇ ଦେବାରେ ସରକାରୀ ଡାକ୍ତରଖାନା ସଂପୂର୍ଣ୍ଣ ବିଫଳ ହୋଇଛି। ଗତବର୍ଷ ଭଦ୍ରକ ଜିଲାରେ ୧୧ଟି ନର୍ସିଂହୋମ୍ ଏବଂ ସରକାରୀ ଡାକ୍ତରଖାନା ଡେଲିଭରୀକୁ ମିଶାଇ ଜିଲାରେ ମୋଟ ୩୦ ହଜାର ୫୩୪ଟି ଡେଲିଭରୀ କରାଯାଇଥିବାବେଳେ ସେଥିରୁ କେବଳ ସରକାରୀ ଡାକ୍ତରଖାନାରେ ପ୍ରାୟ ୨୩ ହଜାର ୫ ଶହ ଡେଲିଭରୀ କରାଯାଇଛି। ଏହି ସୂଚନା ମୁତାବକ କେବଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୭ ହଜାର ଡେଲିଭରୀ କରାଯାଇଛି। ସରକାରୀ ଡାକ୍ତରଖାନାରେ କରାଯାଉଥିବା ଡେଲିଭରୀ ଲାଗି ପ୍ରସୂତିଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସୂତି କାଳୀନ ସହାୟତା ଏବଂ ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗୁଁ ଏବେ ସରକାରୀ ଡାକ୍ତରଖାନାକୁ ପ୍ରସୂତିଙ୍କ ସୁଅ ଛୁଟିଛି। ହେଲେ ଏତେ ସଂଖ୍ୟକ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ସରକାରୀ ଡାକ୍ତରଖାନା ବିଶେଷତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଭିତିଭୂମି ନାହିଁ। ଫଳରେ ସରକାରୀ ଡାକ୍ତରଖାନାକୁ ଆସୁଥିବା ପ୍ରସୂତି ଏବଂ ସେମାନଙ୍କ ଅଭିଭାବକଙ୍କୁ ହିନସ୍ତା ହେବାକୁ ପଡୁଛି। ଭଦ୍ରକ ଜିଲାରେ ବଢି ଚାଲିଥିବା ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଜିଲାବାସୀଙ୍କ ପକ୍ଷରୁ ଜିଲା ମୁଖ୍ୟ ଡାକ୍ତରଖାନାର ଭିତିଭୂମିର ବିକାଶ ସହିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀଘବର୍ଷ ଧରି ଦାବୀ କରାଯାଉଛି, ହେଲେ ଜିଲାବାସୀଙ୍କ ଦାବୀ କେବଳ ଦାବୀରେ ରହିଯାଇଛି। ଫଳରେ ଜିଲାବାସୀ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ତୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପାରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପାରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଇଣ୍ଡିଆନ୍ ଅଏଲ୍ ତରଫରୁ ଅଗ୍ନି ନିରାପତା ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ



ବାଙ୍କୀ(ପିଏନ)- ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ଗ୍ରା.ପ ଗଡ଼ଜିତ୍ ଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଜଟଣୀ ତରଫରୁ ଅଗ୍ନିନିରାପତ୍ତା ସମ୍ପର୍କିତ ଗାମ୍ୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଟଣୀ ଇଣ୍ଡିଆନ୍ ଅଏଲ୍ ତରଫରୁ ସ୍ଥାନୀୟ ଡମପଡ଼ା ଅଗ୍ନିଶମ ବାହିନୀ ସହାୟତାରେ ଏକ ମକଡ୍ରିଲ୍ କାର୍ଯ୍ୟକ୍ରମ କରାଯାଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜଟଣୀ ଇଣ୍ଡିଆନ୍ ଅଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ପରିଚାଳକ ଉପେନ୍ଦ୍ର କୁମାର ମେହୋତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆକସ୍ମିକ ଅଗ୍ନିକାଣ୍ଡରୁ କିଭଳି ଭାବରେ ଜନସାଧାରଣ ରକ୍ଷା ପାଇପାରିବେ ସେ ସଂପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ତତ୍ ସହିତ ଉପସ୍ଥିତ ବୁଦ୍ଧି ଖଟାଇ ଅଗ୍ନିକାଣ୍ଡ ସମୟରେ ନିଜ ଧନଜୀବନ ରକ୍ଷା ସହିତ ପାଖ ପଡୋଶୀଙ୍କ ସହାୟତା ମଧ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥିଭାବେ ସହକାରୀ ଯନ୍ତ୍ରୀ ପରିଚାଳନା ଏବଂ ତଦାରଖ ଜଟଣୀର ସୁର୍ଜୀତ୍ ଗୁପ୍ତା , ପରିବେଶ ବିତ୍ ସୁରେନ୍ଦ୍ର କୁମାର ତ୍ରିପାଠୀ, ଡମପଡ଼ା ଅଗ୍ନିଶମ ଅଧିକାରୀ ବସନ୍ତ କୁମାର ପାତ୍ର, ଡମପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଯଜ୍ଞଦୀପେନ୍ ଦେବ୍ ପାଣି ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ନିକାଣ୍ଡର ଭୟାବହତା ଏବଂ ଏହା ଦ୍ୱାରା ହେଉଥିବା କ୍ଷତି ସଂପର୍କରେ ତଥ୍ୟ ରଖିବା ସହିତ କେବଳ ସଚେତନତା ଏବଂ ସତର୍କତା ମାଧ୍ୟମରେ ଦୁର୍ଘଟଣାକୁ ଏଡାଯାଇପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସୁବେଦାର ସନ୍ତୋଷ କୁମାର ପଟ୍ଟନାୟକ, ଶରତ କୁମାର ଜେନା , ନରେନ୍ଦ୍ର ରାଉତ, ଗଗନ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ନିରେଖ ସାହୁ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରଚାଳନା ପୂର୍ବକ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଏନ୍.ଆର୍.ଆଇ. ଓ୍ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ମହାତ୍ମା ଗାନ୍ଧୀ ଲିଡରସିପ୍ ପୁରସ୍କାର ପାଇବେ ଡକ୍ଟର ମୋନାଲିସା



ଭୁବନେଶ୍ୱର,(ପିଏନ)-ଏନ୍.ଆର୍.ଆଇ ଓ୍ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ମହାତ୍ମା ଗାନ୍ଧୀ ଲିଡରସିପ୍ ପୁରସ୍କାର ପାଇବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଡକ୍ଟର ମୋନାଲିସା ବଳ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଆସନ୍ତା ଅକ୍ଟୋବର ୧୧ ତାରିଖ ଲଣ୍ଡନର ପାର୍ଲାମେଣ୍ଟର ହାଉସ୍ ଅଫ୍ କମନ୍ସରେ ହେବାକୁ ଥିବା ଏକ ଭବ୍ୟ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏନ୍.ଆର୍.ଆଇ ଓ୍ୱେଲଫେୟାର ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମୋନାଲିସାଙ୍କ ସମେତ ବିଶ୍ୱର ବିଭିନ୍ନ କୋଣରୁ ବଛା ବଛା ୨୫ଜଣ ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସଂସ୍ଥା ସୂଚନା ଦେଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମାଜସେବା ପାଇଁ ପୂର୍ବରୁ ମଦର ଟେରେସାଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ତେଣୁ ମୋନାଲିସାଙ୍କ ଏହି କୃତିତ୍ୱକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ନାହିଁ ନାହିଁରେ ଚାଲିଛି ବାଲେଶ୍ୱରର ଓମ୍‌ଫେଡ୍

ବାଲେଶ୍ୱର,(ପିଏନ): ସମବାୟ ସୂତ୍ରରେ ଗଢା ହୋଇଥିବା ବାମୁଲ ପରବର୍ତ୍ତୀ ପର୍ଯ୍ୟାୟରେ ଓମଫେଡ୍ ସହ ମିଶି ବ୍ୟବସାୟ ଆରମ୍ଭ କରିଥିଲା। କିନ୍ତୁ ଏହାର ପରିଚାଳନାଗତ ତ୍ରୁଟି ଯୋଗୁଁ ଏହା ଏବେ ବୁଡିବାକୁ ବସିଲାଣି। କ୍ଷୀର ଲିଟର ପିଛା ଏବେ ୨ ଟଙ୍କା ବୃଦ୍ଧି ହୋଇଛି କିନ୍ତୁ ଏଥିରେ ବିଶେଷ କିଛି ଲାଭ ନାହିଁ। କିନ୍ତୁ ଯେଉଁଠୁ ଲାଭ ମିଳୁଥିଲା ଯଥା ପନିର, ଛେନାପୋଡ, ରସାବଳୀ, ରାବିଡି ଓ ଅନ୍ୟାନ୍ୟ ଲାଭଯୁକ୍ତ ସାମଗ୍ରୀ ଉତ୍ପାଦନ ପ୍ରାୟ ବନ୍ଦ ହୋଇଯାଇଛି। ମାର୍କେଟିଂ ଓ ପରିଚାଳନାରେ ଥିବା କର୍ମଚାରୀମାନେ ଲକ୍ଷାଧିକ ଟଙ୍କା ଦରମା ନେଉଥିଲା ବେଳେ ଯେଉଁମାନେ କ୍ଷୀର ପ୍ରସ୍ତୁତରେ ସାହାଯ୍ୟ କରୁଛନ୍ତି ସେମାନଙ୍କୁ ଉଚିତ୍ ମୂଲ୍ୟ ମିଳୁନାହିଁ। କ୍ଷୀର ଉତ୍ପାଦନକାରୀ ଚାଷୀମାନେ ୧୮ ରୁ ୨୮ ଟଙ୍କାରେ କ୍ଷୀର ବିକ୍ରି କରୁଥିବା ବେଳେ ଓମଫେଡ୍ ୪୦ ରୁ ୪୨ ଟଙ୍କା ମୂଲ୍ୟରେ କ୍ଷୀର ବିକ୍ରି କରୁଛି। କିନ୍ତୁ ଦୁଗ୍ଧଚାଷୀଙ୍କୁ ପ୍ରକୃତ ମୂଲ୍ୟ ମିଳୁନାହିଁ। ଏବେ ଗୋଖାଦ୍ୟ, ଔଷଧ, କୁଣ୍ଡା, କୁଟା ଓ ଘାଷ ଇତ୍ୟାଦିର ମୂଲ୍ୟ ବଢୁଥିଲା ବେଳେ ଦୁଗ୍ଧଚାଷୀ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ଓମଫେଡ୍‌କୁ ଦୁଗ୍ଧ ଯୋଗାଇବା ପାଇଁ ବାମୁଲ ଯେଉଁ ପଦକ୍ଷେପ ନେବା କଥା ତାହା ସମାଧାନ ହେଉନଥିବାରୁ ବିଭିନ୍ନ ସମୟରେ ଦୁଗ୍ଧ ଉତ୍ପାଦନକାରୀ ସମବାୟ ସମିତିଗୁଡିକ ଆନ୍ଦୋଳନର ଆଶ୍ରା ନେଇଛନ୍ତି। ଏଥିପାଇଁ ବାଲିଆପାଳ, ବାସୁଦେବପୁର ଓ ବିଭିନ୍ନ ଅଞ୍ଚଳରେ ଦୁଗ୍ଧଚାଷୀମାନେ ସମବାୟ ସମିତିକୁ କ୍ଷୀର ନଦେଇ ଅନ୍ୟତ୍ର ବିକ୍ରି କରୁଛନ୍ତି। ଏବେ ବାଲେଶ୍ୱର ଡାଏରୀରେ ଯୋଗ ଦେଇଥିବା ପରିଚାଳକ ଓ ଉପପରିଚାଳକ ରିଟେଲରମାନଙ୍କ ସମସ୍ତ ସୁବିଧା ହଟାଇ ଦେଇ କେବଳ ଦୁଇ ଚାରିଜଣ ବ୍ୟବସାୟୀଙ୍କୁ ବିତରକର ମାନ୍ୟତା ଦଇ ନିଜର ମୁନ୍ନାଫା ଉଠାଉଛନ୍ତି। ପୂର୍ବରୁ ସାଧାରଣ ଏଜେଣ୍ଟମାନେ ଯେଉଁ କମିଶନ୍ ପାଉଥିଲେ ତାହା ସେମାନଙ୍କଠାରୁ ଛଡାଇନେଇଥିବା ଫଳରେ ସେମାନେ ଓମଫେଡ୍ ଛାଡି ଅନ୍ୟ ବେସରକାରୀ ସଂସ୍ଥାର ସାମଗ୍ରୀ ଯଥା ପନୀର, ଲସି, ଘୋଳଦହି, ରାବିଡି, ମିଠାଦହି, କ୍ଷୀର ଓ ଦହି ବିକ୍ରି କରୁଛନ୍ତି। ଏହି କମ୍ପାନୀମାନଙ୍କଠାରୁ ଏମାନଙ୍କୁ ଅଧିକ ଫାଇଦା ମିଳୁଥିବା ବେଳେ ବାଲେଶ୍ୱର ଡାଏରୀର ପରିଚାଳକଙ୍କ ମୁନ୍ନାଫାଖୋର ନୀତି ଯୋଗୁଁ ସାଧାରଣ ବିକ୍ରେତା ଦୁଃଖରେ କାଳ କାଟୁଛନ୍ତି। କ୍ଷୀରର ମାନ ଠିକ୍ ନଥିବାରୁ ଓମ୍‌ଫେଡ ପ୍ରତି ଲୋକମାନେ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓମଫେଡର ଅବଗତି ଯୋଗୁଁ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ ଓ ଗୋପାଳକ ତଥା ଦୁଗ୍ଧ ଉତ୍ପାଦକାରୀମାନଙ୍କୁ ନ୍ୟାର୍ଯ୍ୟ ପ୍ରପ୍ୟ ଦେବା ପାଇଁ ସ୍ୱର ଉଠାଇଥିଲେ। ତେବେ ଓମ୍‌ଫେଡ୍‌ରେ ପରିଚାଳନାରେ ସୁଧାର ନଆସିଲେ ଏହା ପ୍ରାୟତଃ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଦେଇଛି।

# ଇଣ୍ଡିଆନ ତରଫରୁ ପଲିଥିନ ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଙ୍କୀ(ପିଏନ)-ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ କୁସୁନ୍ଦାବିଦ୍ୟାଳୟ ପରିସରରେ ଜଟଣୀ ଇଣ୍ଡିଆନ ଅଏଲ୍ କର୍ପୋରେସନ୍ ତରଫରୁ ପଲିଥିନ ସଚେତନତା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଂଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଟଣୀ ଇଣ୍ଡିଆନ ଅଏଲ କର୍ପୋରେସନ୍ ମୁଖ୍ୟ ପରିଚାଳକ ଉପେନ୍ଦ୍ର କୁମାର ମେହୋତ , ସହକାରୀ ଯନ୍ତ୍ରୀ ପରିଚାଳନା ଏବଂ ତଦାରଖ ସୁରଜିତ ଗୁପ୍ତା, ପୂର୍ବତନ ସୁବେଦାର ସନ୍ତୋଷ ପଟ୍ଟନାୟକ, ନରେନ୍ଦ୍ର ରାଉତ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଯୋଗଦେଇ ପଲିଥିନ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା ଏହାର କୁପରିଣାମ ସଂପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଶ୍ରୀମେହୋତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଲିଥିନ୍ ଏବଂ ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଶପଥ ପାଠ କରାଇବା ସହିତ ସ୍ୱଚ୍ଛତା ହିଁ ସେବା ସଂକଳ୍ପ କରାଇଥିଲେ। ପଲିଥିନ୍ ଏବଂ ପ୍ଲାଷ୍ଟିକ ଦ୍ୱାରା ପରିବେଶ ସନ୍ତୁଳନ ବିଗୁଡିଥିବା ବେଳେ ପରପିଢୀ ଏହାର କୁପରିଣାମ ଭୋଗୀବ ବୋଲି ପ୍ରକାଶ କରି ଭବିଷ୍ୟତ ପିଢୀପାଇଁ ଏବେଠାରୁ ନିଜେ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରାଇ ଏହାର ବ୍ୟବହାରକୁ ବନ୍ଦକରିବା ସହିତ ପ୍ଲାଷ୍ଟିକ୍‌କୁ 'ନାଁ' କହିବା ଉଚିତ୍‌ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଗଛର ଆବଶ୍ୟକତା ସମ୍ପର୍କରେ ସଚେତନତା କାରାଯାଇ କୁସୁନ୍ଦା ବିଦ୍ୟୋଳୟ ପରିସେରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରି ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ଶପଥ ପାଠ କରିଥିଲେ।

# ବେଆଇନ ବାଲି ଚାଲାଣକୁ ବିରୋଧ, ଜେସିବି ଅଟକ ରଖିଲେ ଗ୍ରାମବାସୀ

ବାଲେଶ୍ୱର,(ପିଏନ): ସିଂଲା ଥାନା ଅଧିନସ୍ଥ କଷାଫଳ ସମୁଦ୍ର ବେଳାଭୂମିରେ ବେଆଇନ ଭାବେ ଗଛକଟା ଓ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଜେସିବି ମେସିନକୁ ଗ୍ରାମବାସୀ ଅଟକ ରଖି କାର୍ଯ୍ୟାନୁଷ୍ଠାନ ଦାବୀ କରିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ ସିଂଲା ଥାନା ଅଧିନ କଷାଫଳ ଗ୍ରାମକୁ ଲାଗି ରହିଥିବା ସମୁଦ୍ର ବେଳାଭୂମିରୁ ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଗଛ କାଟିବା ସହିତ ଦିନରାତି ଜେସିବି ମେସିନ ଲଗାଇ ଶହଶହ ଟ୍ରିପ୍ ବାଲି ଉତ୍ତୋଳନ କରି ବିକ୍ରି କରୁଛନ୍ତି। ଯାହା ଫଳରେ ବେଳାଭୂମିର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଗ୍ରାମ ଭିତରକୁ ସମୁଦ୍ର ଜୁଆର ମାଡି ଆସି ବ୍ୟାପକ କ୍ଷୟକ୍ଷତି କରିଛି। ବାରମ୍ବାର ଏ ବିଷୟରେ ଗାଁ ଲୋକ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ଗ୍ରାମବାସୀମାନେ କାଠ ଗଣ୍ଡିଗୁଡିକ ଅଟକ ରଖିବା ସହ ଜେସିବି ମେସିନକୁ ଅଟକ ରଖିଛନ୍ତି। ଖବର ପାଇ ଘଟଣାସ୍ଥଳରେ ପୁଲିସ, ତହସିଲଦାର ଓ ବନବିଭାଗର କର୍ମଚାରୀ ପହଞ୍ଚି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପ୍ରାଥମିକତାର ଶୀର୍ଷରେ ରାସାୟନିକ ସାରର ବିକଳ୍ପ ହିଁ ଜୈବିକ କୃଷି

**-କଳାକାହ୍ନୁ ଟ୍ରଷ୍ଟର ସହାୟତାରେ ରାଉଳପଲ୍ଲୀ ଠାରେ ୧୦ଦିନିଆ ପ୍ରଶିକ୍ଷଣ ଶିବିର**

**-୧୦୦ଚାଷୀଙ୍କୁ ଦକ୍ଷତା ବିକାଶର ତାଲିମ ଦେଲେ କୃଷି ପ୍ରଶିକ୍ଷକ**



ରାଉଳପଲ୍ଲୀ(ପିଏନ)- ଖାଦ୍ୟକୁ ମଣିଷର ପ୍ରଥମ କବଚ ଭାବେ ବିବେଚନା କରାଯାଇଥିବା ବେଳେ କୃଷି ହିଁ ଏହାର ମୁଖ୍ୟ ଆଧାର ରୂପେ ପ୍ରତିପାଦିତ ହୋଇଆସିଛି। କୃଷି – ସାଧାରଣ କୃଷକର ମର୍ମବେଦନାର ଅନ୍ତଃସ୍ୱର , ବେଦନାସିକ୍ତ କର୍ମର ସାର୍ଥକ ଉଚ୍ଚାରଣ। କୃଷକ ଏହି କର୍ମସିକ୍ତ ଯାତ୍ରାର ପ୍ରକୃତ ସାରଥୀ। ସମବେଦନା ନୁହଁ ବରଂ ମାନବିକତାର ଶୀର୍ଷରେ କୃଷକର ସ୍ଥାନ ସର୍ବାଗ୍ରେ ରହିଆସିଛି। ଏହି ପରିପ୍ରେକ୍ଷୀରେ ବିଚାର କଲେ କୃଷି ଓ କୃଷକ ଓଡ଼ିଆ ସଭ୍ୟତାର ଏନ୍ତୁଡ଼ିଶାଳ। ସରକାରଙ୍କ ଫୋକସ୍‌ରେ ଏବେ କୃଷି ଆଉ କୃଷକର ବିକାଶ। ବିକାଶର ନାରାରେ ସରକାର କୃଷକର କଲ୍ୟାଣାର୍ଥେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏକ ଲକ୍ଷ ଚାଷୀଙ୍କର ପୂର୍ବ କୌଶଳ ଓ ଅଭିଜ୍ଞତାକୁ ମାନ୍ୟତା ଦେବା ଦିଗରେ ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହାକୁ ଆଧାର କରି ଗଂଜାମ ଜିଲ୍ଲାର ରାଉଳପଲ୍ଲୀ ଗ୍ରାମ ଠାରେ ୧୦ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏହି କର୍ମଶାଳାରେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର – ଡ଼ି ଶୁଭମ୍ ଓ ସୁଶାନ୍ତ କୁମାର ଚୌଧୁରୀ ପ୍ରମୁଖ ଚାଷୀ ମାନଙ୍କୁ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସ୍ୱଳ୍ପ ସମୟ , ସୀମିତ ଖର୍ଚ୍ଚ ଆଉ ଉନ୍ନତ ଉତ୍ପାଦନର ମୁଖବନ୍ଧ ହିଁ ଜୈବିକ କୃଷି ବୋଲି ପ୍ରଶିକ୍ଷକ ମାନେ ଉପସ୍ଥାପନ କରିଥିଲେ। ଅଧୁନା କ୍ଷେତରେ ରାସାୟନିକ ସାରର ବହୁଳ ବ୍ୟବହାର ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହ ସୁସ୍ଥ ପନିପରିବା ପାଇବାରେ ମାନବ ବଂଚିତ ହେଉଛି। ସୁତରାଂ , ଜୈବିକ କୃଷି ହିଁ ଏହାର ଏକମାତ୍ର ବିକଳ୍ପ। ପଂଚଗବ୍ୟ , ଦଶଜବ୍ୟ , ବୀଜାମୃତ , ହାଣ୍ଡିଖତ , ଜୀବାମୃତ ପ୍ରଭୃତିର ବ୍ୟବହାର ଓ ପ୍ରୟୋଗ ବିଧି ସମ୍ପର୍କରେ କୃଷି ପ୍ରଶିକ୍ଷକ ମାନେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ଏହା ବ୍ୟତୀତ ତପନ କୁମାର ରାଉଳ ଚାଷୀ ମାନଙ୍କୁ ଜୈବିକ କୃଷିର ଉପକାରିତା ସହ ଏହା ଦ୍ୱାରା ମିଳିପାରୁଥିବା ସୁବିଧାସୁଯୋଗ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କଳାକାହ୍ନୁ ଟ୍ରଷ୍ଟର ସହାୟତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅଜୟ ପଟ୍ଟନାୟକ ପ୍ରକଳ୍ପର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ପ୍ରଶିକ୍ଷଣ ଶେଷରେ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି କହିଥିଲେ। ଏହି ଶିବିରରେ କଳାକାର ରାଉଳ ପରିଚାଳନାରେ ସହଯୋଗ କରିବା ସହ ଜୈବିକ କୃଷିର ଉପାଦେୟତା ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ।

## ଗ୍ରାମାଞ୍ଚଳ କୃଷକଙ୍କ ପାଇଁ ଋଣ ଯୋଗାଣ ଅତି ନଗଣ୍ୟ

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର, (ପିଏନ) : ୨୦୧୮-୧୯ ଆର୍ଥିକ ବର୍ଷରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୭୧ ହଜାର ୪୨୦ କୋଟି ଥିବା ବେଳେ ବ୍ୟାଙ୍କ ମାନେ ମାତ୍ର ୬୯ ହଜାର ୯୩୬ କୋଟି ଟଙ୍କା ଋଣ ଦେବାରେ ସମର୍ଥ ହୋଇଛନ୍ତି। କୃଷି କ୍ଷେତ୍ରରେ ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ୬୮.୬୭ ପ୍ରତିଶତ ହୋଇଥିଲା ବେଳେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଏହା ୨୧.୪୫ ପ୍ରତିଶତ ଏବଂ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ବ୍ୟାଙ୍କ ଋଣ ପ୍ରଦାନ ମାତ୍ର ୧୬.୩୩ ପ୍ରତିଶତ ରହିଛି ବୋଲି ୧୫୬ତମ ବ୍ୟାଙ୍କର କମିଟିର ଅନୁଷ୍ଠିତ ହୋଇଥିବା ଗତକାଲି ବୈଠକରୁ ଜଣାପଡ଼ିଛି। ଦେଶ ଯେତେବେଳେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ଗ୍ରାମାଞ୍ଚଳର କୃଷକମାନଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି, ସେତିକିବେଳେ ବ୍ୟାଙ୍କ ମାନେ ଗ୍ରାମାଞ୍ଚଳର କୃଷକମାନଙ୍କୁ ଅଗ୍ରଣୀ ଭିତ୍ତିରେ ଋଣ ଦେବାକଥା। କାରଣ ୨୦୨୨ ମସିହା ସୁଦ୍ଧା କେନ୍ଦ୍ର ସରକାର କୃଷକମାନଙ୍କର ଆୟକୁ ୨ଗୁଣ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟ ସେତିକିବେଳେ ହାସଲ୍ ହୋଇପାରିବ, ଯେତେବେଳେ ଗ୍ରାମାଞ୍ଚଳର କୃଷକ ଅଣ୍ଟାକୁ ସଳଖି ଛିଡ଼ା ହେବାପାଇଁ କିଛି ପଇସା ଆସିପାରିବ ଏବଂ ତାର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ତାକୁ ଦିଆଯାଇପାରିବ। ଏ ସବୁ ପାଇଁ ବ୍ୟାଙ୍କ ଋଣ ଅତ୍ୟନ୍ତ ଅପରିହାର୍ଯ୍ୟ। କିନ୍ତୁ ଗଭୀର ଦୁଃଖ ଓ କ୍ଷୋଭର କଥା ରାଜ୍ୟର ୭୦ ପ୍ରତିଶତ ଚାଷୀଙ୍କ ପାଇଁ ରାଜ୍ୟର ବ୍ୟାଙ୍କମାନଙ୍କର ଦରଦ ନାହିଁ। ଯାହାଫଳରେ ବନ୍ୟା, ବାତ୍ୟା, ମରୁଡ଼ି ଓ ରୋଗପୋକ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀ ହେଉଥିବା ଓଡ଼ିଶାର ଚାଷୀମାନଙ୍କୁ ଋଣ ଯୋଗାଇ ଦେବାପାଇଁ ବ୍ୟାଙ୍କମାନେ ଆଗେଇ ଆସୁନାହାଁନ୍ତି। ତେଣୁ ବହୁ କୃଷକ, ଛୋଟଛୋଟ ବ୍ୟବସାୟୀ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦ୍ର ଅର୍ଥମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ରାଜ୍ୟର କୃଷି କ୍ଷେତ୍ରକୁ ଅଗ୍ରଣୀ ଭିତ୍ତିରେ ବ୍ୟାଙ୍କ ଋଣ ଯୋଗାଇଦେବାପାଇଁ ସମାଜବାଦୀ ପାର୍ଟି ଦାବି କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କୁ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ଚିଠି ଲେଖି ଏ ସଂକ୍ରାନ୍ତରେ ତାଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ବ୍ୟାଙ୍କମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏହାଫଳରେ ଆର୍ଥିକ ମାନ୍ଦାବସ୍ଥାର ଦୂର ହେବା ସହିତ ରାଜ୍ୟର ଚାଷୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହେବ ଏବଂ ଚାଷୀର ଆୟ ଦୁଇଗୁଣା ହୋଇପାରିବ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି।

# ଜିଓଫୋନ୍ ଦୀପାବଳି ୨୦୧୯ ଉପହାର-ମାତ୍ର ୬୯୯ ଟଙ୍କାରେ ଜିଓଫୋନ୍ !

ଭୁବନେଶ୍ୱର : ଭାରତ ଏକ ଡିଜିଟାଲ୍ ସମାଜକୁ ରୂପାନ୍ତରିତ ହେବାର ପ୍ରକ୍ରିୟାର ବାସ୍ତବ ଶୁଭାରମ୍ଭ ହୋଇସାରିଛି। ଉଭୟ ସଂଖ୍ୟା ବା ପରିମାଣ ଓ ଉପାଦାନ ଦୃଷ୍ଟିରୁ ଏହା ସାରା ଦୁନିଆରେ ଅତୁଳନୀୟ। ଏହାର ସମ୍ପୂର୍ଣ୍ଣ ସଫଳତା ପାଇଁ, ଆମକୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ, କୌଣସି ଭାରତୀୟ ଯେଭଳି ଡିଜିଟାଲ୍ ବିପ୍ଳବର ସୁଫଳ ପାଇବାରୁ ବଂଚିତ ନହୁଅନ୍ତି। ଆଜିର ସଂଯୁକ୍ତ (କନେକ୍ଟେଡ୍) ଦୁନିଆରେ ସୁଲଭ ଇଟଂରନେଟ୍ ହେଉଛି ଏକ ପ୍ରକାରର ମୌଳିକ ମାନବିକ ଆବଶ୍ୟକତା ଏବଂ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଏକ ପ୍ରକାରର ମୌଳିକ ମାନବିକ ଅଧିକାର। ସେଥିପାଇଁ, ସାରା ଭାରତରେ ଭଏସ୍ କଲ୍ ସହିତ ଡାଟା ସେବାକୁ ମଧ୍ୟ ଦରକାର କରୁଥିବା ଭାରତୀୟଙ୍କ ପାଖରେ ପହଂଚାଇଛି ଜିଓ। ଅଣ-ଜିଓ ଅପରେଟରମାନେ ପ୍ରତି ଜିବିର ନିମ୍ନ ମାନର ୨ଜି ଡାଟା ପାଇଁ ପ୍ରାୟ ୫୦୦ ଟଙ୍କା ମୂଲ୍ୟ ନେଉଥିବା ବେଳେ ଜିଓର ସମ୍ପୂର୍ଣ୍ଣ ୪ଜି ନେଟ୍‌ୱର୍କ ସବୁଠୁ ସୁଲଭ ମୂଲ୍ୟର ଡାଟା ଦର ସହିତ ଉଚ୍ଚ ମାନର ଡାଟା ସେବା ପ୍ରଦାନ କରୁଛି। ପୁନଶ୍ଚ, ଜିଓ ଦୁନିଆର ସବୁଠୁ ସୁଲଭ ମୂଲ୍ୟର ୪ଜି ଭିତିକ ସ୍ମାର୍ଟଫୋନକୁ ସାଧାରଣ ଭାରତୀୟଙ୍କ ନିକଟତର କରିପାରିଛି। ପ୍ରତିଟି ଭାରତୀୟ ଜାଣି ଗର୍ବ କରିବେ ଯେ ଜିଓ ସ୍ମାର୍ଟଫୋନ୍ ହେଉଛି ଏକମାତ୍ର ସ୍ମାର୍ଟଫୋନ୍ ଯାହା ଭାରତୀୟ ମାନଙ୍କ ଦ୍ୱାରା, ଭାରତୀୟଙ୍କ ପାଇଁ, ଏକ ଭାରତୀୟ ଅପରେଟିଂ ସିଷ୍ଟମ ସହିତ ଭାରତରେ ହିଁ ପ୍ରସ୍ତୁତ କରାଯାଇଛି। ମାତ୍ର ୧୫୦୦ ଟଙ୍କାରେ ମିଳୁଥିବା ଜିଓ ଫୋନ୍ ବଜାରରେ ଉପଲବ୍ଧ ହେଉଥିବା ସର୍ବନିମ୍ନ ମୂଲ୍ୟର ସ୍ମାର୍ଟଫୋନ୍ ଦାମର ଏକ ଚତୁର୍ଥାଂଶରୁ କମ୍ ମୂଲ୍ୟରେ ଉପଲବ୍ଧ ହେବ।

ଉନ୍ମୋଚନ ହେବା ପରଠାରୁ ପାଖାପାଖି ୭ କୋଟି ୨ଜି ବ୍ୟବହାରକାରୀ ଜିଓଫୋନ୍ ପ୍ଲାଟଫର୍ମରେ ସାମିଲ ହୋଇଛନ୍ତି, ଯାହା ଦ୍ୱାରା ସେମାନେ ଶକ୍ତିଶାଳୀ ଡିଜିଟାଲ୍ ସେବାଗୁଡ଼ିକୁ ପ୍ରଥମ ଥର ପାଇଁ ହାସଲ କରିଛନ୍ତି। ଏହା ସତ୍ତ୍ୱେ, ଡିଜିଟାଲ୍ ଇଣ୍ଡିଆ ସ୍ୱପ୍ନ ଏବେବି ସମ୍ପୂର୍ଣ୍ଣ ପୂରଣ ହେବା ବାକି ଅଛି। ଏହାର କାରଣ ହେଉଛି ପାଖାପାଖି ୩୫ କୋଟି ଭାରତୀୟ ଏବେବି ୨ଜି ନେଟ୍‌ୱର୍କରେ ଅଛନ୍ତି, ସେମାନଙ୍କ ପାଖରେ ସ୍ମାର୍ଟଫୋନ୍ ନାହିଁ। ସେମାନେ ହେଉଛନ୍ତି ଆମ ଦେଶର ସବୁଠୁ ଉପେକ୍ଷିତ ବର୍ଗ ଯେଉଁମାନଙ୍କ ପାଇଁ ଅତି କମ୍ ମୂଲ୍ୟର ଜିଓ ଫୋନ୍ ମଧ୍ୟ ଏବେବି ସୁଲଭ ହୋଇପାରିନାହିଁ। ଏହି ୩୫ କୋଟି ୨ଜି ବ୍ୟବହାରକାରୀମାନେ ବର୍ତମାନ ସମ୍ପୂର୍ଣ୍ଣ ଡାଟା ସେବାକୁ ବାଦ ଦେବା କିମ୍ବା ନିମ୍ନ ମାନର ଡାଟା ୨ଜି ଡାଟା ଲାଗି ଅଧିକ ମୂଲ୍ୟ ଗଣିବା ଭଳି କଠିନ ବିକଳ୍ପ ଚୟନ କରୁଛନ୍ତି। ସେମାନଙ୍କ ପାଖରେ ମାଗଣା ଭଏସ୍ କଲ୍ ସୁବିଧା ନାହିଁ ଓ ସେମାନେ ଇଟଂରନେଟ୍‌କୁ ମଧ୍ୟ ବ୍ୟବହାର କରିପାରୁନାହାନ୍ତି।

ତେଣୁ ସବୁ ଭାରତୀୟଙ୍କ ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣକୁ ନିଶ୍ଚିତ କରିବା ଦିଗରେ ଜିଓ ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆଜି, ଜିଓ ପକ୍ଷରୁ ଏକ ସ୍ୱତନ୍ତ୍ର ଥରେ-ମାତ୍ର ଅଫର ଘୋଷଣା କରାଯାଇଛି ଯାହାର ନାମ ହେଉଛି ଜିଓଫୋନ୍ ଦୀପାବଳି ୨୦୧୯ ଅଫର।

ଚଳିତ ଦଶହରା ଓ ଦୀପାବଳିର ପାର୍ବଣ ଅବସରରେ ଜିଓ ପକ୍ଷରୁ ଜିଓଫୋନ୍‌କୁ ମାତ୍ର ୬୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ କରାଯାଇଛି ଯାହାର ବର୍ତମାନ ବଜାର ମୂଲ୍ୟ ହେଉଛି ୧୫୦୦ ଟଙ୍କା। ନିଜର ପୁରୁଣା ଫୋନ୍‌କୁ ବଦଳାଇବା ଭଳି କୌଣସି ପ୍ରକାର ସ୍ୱତନ୍ତ୍ର ସର୍ତ ନଥିବାରୁ ଗ୍ରାହକଙ୍କ ପାଇଁ ଏହା ସିଧାସଳଖ ୮୦୦ ଟଙ୍କାରୁ ଅଧିକ ସଂଚୟ ସୁଯୋଗ ଆଣିଦେଇଛି। ଏହି ମୂଲ୍ୟ ବଜାରରେ ବର୍ତମାନ ଉପଲବ୍ଧ ହେଉଥିବା ଯେକୌଣସି ୨ଜି ଫିଚର ଫୋନ୍ ତୁଳନାରେ ବହୁତ କମ୍। ୪ଜି ସେବା ପର୍ଯ୍ୟନ୍ତ ଆସିବା ଲାଗି ଫିଚର୍ ଫୋନ୍ ବ୍ୟବହାରକାରୀଙ୍କ ଲାଗି ଯେଉଁ ଶେଷ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି।

୭୦୦ ଟଙ୍କାର ପ୍ରତିବଦ୍ଧତା, ଯାହା ଜିଓ ଫୋନ୍ ଗ୍ରାହକମାନେ ଜିଓଫୋନ୍‌କୁ କିଣିବା ଲାଗି ନିବେଶ କରିବେ ଏବଂ ୨ଜିରୁ ୪ଜି ଡାଟା ଦୁନିଆରେ ପ୍ରବେଶ କରିବେ, ଜିଓ ମଧ୍ୟ ନିଜ ଆଡୁ ନିବେଶର ପ୍ରତିଶ୍ରୁତି ଦେଇଛି। ଭାରତୀୟ ସମାଜରେ ନିହାତି ଆବଶ୍ୟକ କରୁଥିବା ବର୍ଗକୁ ଇଟଂରନେଟ୍ ଅର୍ଥନୀତିରେ ସାମିଲ କରିବା ଦିଗରେ ଜିଓର ଏହା ହେଉଛି ନିବେଶ ଏବଂ ପ୍ରତିବଦ୍ଧତା।

ଯେଉଁ ଜିଓଫୋନ୍ ଗ୍ରାହକମାନେ ଦୀପାବଳି ୨୦୧୯ ଅଫର ଜରିଆରେ ଜିଓରେ ଯୋଗ ଦେବେ, ଜିଓ ସେମାନଙ୍କୁ ୭୦୦ ଟଙ୍କା ମୂଲ୍ୟର ଅତିରିକ୍ତ ଡାଟା ସୁବିଧା ପ୍ରଦାନ କରିବ। ଗ୍ରାହକମାନେ ଯେଉଁ ପ୍ରଥମ ୭ଟି ରିଚାର୍ଜ କରିବେ, ଜିଓ ଅତିରିକ୍ତ ଭାବେ ପ୍ରତିଥର ୯୯ ଟଙ୍କା ମୂଲ୍ୟର ଡାଟା ଯୋଗ କରିବ।

# ଦମ୍ପତିଙ୍କୁ ମରଣାନ୍ତ ଆକ୍ରମଣ ଘଟଣାରେ ମା' ଝିଅଙ୍କୁ ସଶ୍ରମ କାରାଦଣ୍ଡ

ବାଲେଶ୍ୱର,(ପିଏନ): ସମ୍ପର୍କୀୟ ଦିଅର ଓ ଯା' ଅର୍ଥାତ୍ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ନୀଳଗିରି ସରକାରୀ ଦୌରାଜଜ୍ ମା' ଝିଅଙ୍କୁ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚ ହଜାର ଟଙ୍କା ଜୋରିମନା ଦଣ୍ଡ ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ ଅଧିକ ତିନି ମାସ ଜେଲ୍ ଦଣ୍ଡରେ ଦଣ୍ଡିତ ହେବାକୁ ଆଦେଶ ଦେଇଛନ୍ତି। ନୀଳଗିରି ଉପଖଣ୍ଡ ତଥା ଔପଦା ଥାନା ଅଧିନ ଚଅଁପୁର ଗ୍ରାମର ସୁକାନ୍ତି ନାୟ ଓ ତାଙ୍କ ଝିଅ ଜ୍ୟୋସ୍ନାରାଣୀ ୨୦୧୧ ମସିହା ସେପ୍ଟେମ୍ବର ମାସରେ ଠେଙ୍ଗା ଓ କାଠ ଫାଳିଆରେ ସମ୍ପର୍କୀୟ ଦିଅର ମନୋରଞ୍ଜନ ନାୟକ ଓ ଯା' ତଥା ତାଙ୍କ ସ୍ତ୍ରୀ ହେମଲତାଙ୍କୁ ଏକ ଗଛ ହାଣିବାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ମନୋରଞ୍ଜନଙ୍କ ଏତାଲା ମୂଳେ ଔପଦା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାନ୍ୟବର ନୀଳଗିରି ସହକାରୀ ଦୌରାଜଜ୍ ସତ୍ୟବ୍ରତ ମିଶ୍ର ଉକ୍ତ ମୋକଦ୍ଦମାରେ ଉପରକ୍ତ ଦଣ୍ଡ ପ୍ରଦାନ କରିଛନ୍ତି।




# ପାଞ୍ଚ କୋଟିରୁ ଉର୍ଦ୍ଧ୍ୱ ଭାରତୀୟ ମାନସିକ ଚାପଗ୍ରସ୍ତ !



ଭୁବନେଶ୍ୱର (ପିଏନ୍): ଘର ସଂସାର ହେଉ ବା ବୃତ୍ତିଗତ କ୍ଷେତ୍ର, ପାଠ ପଢ଼ା ହେଉ ବା ତେଲ ଲୁଣର ଜଞ୍ଜାଳ, ଆଧ୍ୟାତ୍ମିକ ସାଧନା ପାଇଁ ବ୍ୟସ୍ତବିବ୍ରତ କାର୍ଯ୍ୟସୂଚୀ, ପ୍ରେମ ହେଉ ବା ପ୍ରତାରଣା ସବୁଠି ଚାପଗ୍ରସ୍ତତା ମଣିଷ ଜୀବନର ଏକ ଆଶ୍ଚର୍ଯ୍ୟକର ଉପଲବ୍ଧି। ବର୍ତ୍ତମାନ ଫସଲହାନୀକୁ ନେଇ ଚାଷୀ ଚାପଗ୍ରସ୍ତ ଥିବାବେଳେ ଏହି ହାଲି ଯାଇଥିବା ପଞ୍ଚାୟତ ନିର୍ବାଚନରେ ବିଜୟ ପରାଜୟକୁ ନେଇ ରାଜନୈତିକ ମୁଣ୍ଡିଆଳ ହୁଅନ୍ତୁ ବା ଦଳୀୟକର୍ମୀ ଆଉ ପ୍ରାର୍ଥୀଙ୍କ କଥା ତ ଛାଡ଼ନ୍ତୁ। ସମଗ୍ର ବିଶ୍ୱ ଆଜି ତଥାକଥିତ ହାଇସ୍ପିଡ଼ ଇଣ୍ଟରନେଟ୍ ଗତିରେ ଦୌଡୁଛି। ଭାରତରେ ବୁଲେଟ୍ ଟ୍ରେନ୍ ପାଇଁ କାର୍ଯ୍ୟ ଖସଡ଼ା ଆରମ୍ଭ ହୋଇଯାଇଥିବାବେଳେ ଚନ୍ଦ୍ରପୃଷ୍ଠରେ ଏକ ବୃହତ୍ତ ଜନବସତି ଗଢ଼ିବା ପାଇଁ ନିକଟରେ ଏକ ମୁସଲମାନ ରାଷ୍ଟ୍ର ଘୋଷଣା କରିଛି। ତେବେ ଜ୍ଞାନବିଜ୍ଞାନର ଏତେସବୁ ପ୍ରଗତି ଆଶ୍ଚର୍ଯ୍ୟକର ଅଭିବୃଦ୍ଧି ସତ୍ତ୍ୱେ ପାଞ୍ଚକୋଟିରୁ ଉର୍ଦ୍ଧ୍ୱ ଭାରତୀୟ ମାନସିକ ଚାପର ଶିକାର ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଗତ ୨୦୧୬ରେ ବିଶ୍ୱରେ ଯେତେ ସଂଖ୍ୟକ ଲୋକ ଆତ୍ମହତ୍ୟା କରିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଭାରତୀୟ। ସେମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ନିମ୍ନ ଓ ମଧ୍ୟବିତ୍ତ ବର୍ଗର ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଉକ୍ତ ସଂସ୍ଥା ପକ୍ଷରୁ 'ଚାପ' ଉପରେ ଏହାର ନୂଆ ବିଶ୍ୱସ୍ୱାସ୍ଥ୍ୟ ଆକଳନ ରିପୋର୍ଟରେ କୁହାଯାଇଛି ଯେ ପାଞ୍ଚକୋଟି ଭାରତୀୟ ମାନସିକ ଚାପର ଶିକାର ହୋଇଥିବାବେଳେ ତିନିକୋଟିରୁ ଅଧିକ ଉଦ୍‌ବେଗଜନକ ସମସ୍ୟାରେ ପୀଡ଼ିତ ଅଛନ୍ତି। 'ଡିପ୍ରେଶନ ଆଣ୍ଡ ଅଦର କମନ ମେଣ୍ଟାଲ ଡିସଅର୍ଡ଼ର୍ସ - ଗ୍ଲୋବାଲ ହେଲଥ ଏଷ୍ଟିମେଟ୍ସ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱରେ ଆତ୍ମହତ୍ୟା ସଂଖ୍ୟାର ଦୁଇ ତୃତୀୟାଂଶ ଭାରତ ଭଳି ନିମ୍ନ ଓ ମଧ୍ୟବିତ୍ତ ବର୍ଗ ବହୁଳ ଦେଶ ଗୁଡ଼ିକରେ ଘଟିଥାଏ। ଚାପ କଥା ଚୁମ୍ବକରେ ଉଲ୍ଲେଖ କରୁଛି। ବର୍ତ୍ତମାନ ପରୀକ୍ଷାଋତୁ ଚାଲିଛି। ପିଲାମାନେ ପାଠପଢ଼ା, ସମ୍ଭାବ୍ୟ ପ୍ରଶ୍ନାବଳୀ, ପରୀକ୍ଷାକେନ୍ଦ୍ର ଆଉ ଘରେ ଅଭିଭାବକ ଆଶା କରୁଥିବା ଫଳକୁ ନେଇ ଚାପଗ୍ରସ୍ତ। ଖାଲି କ'ଣ ପିଲା, ଅଭିଭାବକ ଓ ଅନ୍ୟପକ୍ଷେ ପରୀକ୍ଷା କେନ୍ଦ୍ରର ପରିଚାଳକ, ଖାତା ଦେଖିବାକୁ ପ୍ରସ୍ତୁତି ଥିବା ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତେ ଚାପରେ। ଇଆଡ଼େ ପରୀକ୍ଷାଫଳ କେମିତି ହେବ ତାକୁ ନେଇ ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବ ବି ଚାପରେ। ଆଉ ମାଧ୍ୟମିକ ଶିକ୍ଷାବୋର୍ଡ଼ ଯିଏ କି ପରୀକ୍ଷାର ମୁଖ୍ୟ ବ୍ୟବସ୍ଥାପକ। ବଡ଼ବଡ଼ିଆ ପଦାଧିକାରୀ ସମ୍ପାଦକ ହୁଅନ୍ତୁ ବା ସଭାପତି ବା ସାଧାରଣ କର୍ମଚାରୀ ସମସ୍ତେ ଚାପରେ। ପରୀକ୍ଷା କେନ୍ଦ୍ରର ସୁରକ୍ଷା ନେଇ ପୋଲିସ ବି ଚାପରେ। ଚାପ କଥା ଦେଖନ୍ତୁ ବର୍ତ୍ତମାନ ମାର୍ଚ୍ଚ ମାସ ସରକାରଙ୍କ ଆର୍ଥିକ ବର୍ଷର ଶେଷ ମାସ ଓ ବଜେଟ ମାସ ଭାବରେ ଏହା ପରିଚିତ। ନିର୍ଦ୍ଦିଷ୍ଟ ଅଙ୍କର ରାଜସ୍ୱ ଆଦାୟ ପାଇଁ ସରକାରଙ୍କ ବୁଦ୍ଧିଆଳୀ ବିଭାଗ ତ ସହଜେ ଭୟଙ୍କର ଚାପଗ୍ରସ୍ତ - ଇଆଡ଼େ ତଣ୍ଡ ଗଣୁଥିବା ହେଲମେଟ୍‌ବାଲା ହୁଅନ୍ତୁ ବା ଆଇନ ଫାଙ୍କୁଥିବା ଗାଡ଼ି ଡ୍ରାଇଭର, ଆୟକର ବିଭାଗ ହେଉ ବା କ୍ରାଇମ୍‌ବ୍ରାଞ୍ଚ, ଭିଜିଲାନ୍ସ ହେଉ ବା ସିବିଆଇ ସମସ୍ତେ ନିଜ ନିଜ ସର୍ବୋଚ୍ଚ କର୍ତ୍ତାଙ୍କ ପାଖରେ ନିଜ ବାର୍ଷିକ ପ୍ରଦର୍ଶନୀ ରିପୋର୍ଟ ଦେଖାଇବା ପାଇଁ ଚାପଗ୍ରସ୍ତ। ବର୍ଷର ଏଗାର ମାସ ଫୁଲାଫାଙ୍କିଆ ହୋଇଥିବା ବିଭାଗମାନେ ଏହି ମାର୍ଚ୍ଚରେ ବଳକା କାମ ତୁଟାଇ ରିପୋର୍ଟ ବା ଉତ୍ତରଦାୟିତ୍ୱ ବାର୍ତ୍ତା ଜଣାଇବା ପାଇଁ କିପରି ଚାପଗ୍ରସ୍ତ ତାହା ଅନୁଭବୀକୁ ହିଁ ଜଣା। ସମାଜର କେଉଁ କ୍ଷେତ୍ରରେ ଚାପ ନାହିଁ। ଛୋଟ ଛୋଟ ପିଲା ପରିବାରର ଦୁଃଖ ଆଜିକାଲି କିଛିଟା ବୁଝିଲେଣି, ଭଲ ମନ୍ଦ ଜାଣିଲେଣି, ଘରେ ବାପା ମାଆଙ୍କ ବାଡ଼ିଆପିଟା ହେଉ ବା କ୍ଲାସରୁମ୍‌ରେ ଅବିବାହିତା ମିସ୍ କ୍ଲାସ ବାହାରକୁ ଆସି ଲୁଚାଛପା ଫୋନ୍ କରୁଥିଲେ ଏସବୁକୁ ବୁଝିପାରୁଥିବା ଆମର ବର୍ତ୍ତମାନର କାଢୁଆ ପିଲାମାନଙ୍କୁ ଚାପ କ'ଣ ଜଣାଗଲାଣି। ସମାଜର ସମସ୍ତ ବୃତ୍ତିକ୍ଷେତ୍ର, କର୍ମକ୍ଷେତ୍ର ସାଙ୍ଘାତିକ ଭାବେ ଚାପଗ୍ରସ୍ତ। ଡାକ୍ତରଖାନାର ଡାକ୍ତର-ନର୍ସଙ୍କ ଠାରୁ ପୋଲିସଥାନାର ବଡ଼ବାବୁ, ବିଚାର ବିଭାଗର ନ୍ୟାୟଧିଶ ହୁଅନ୍ତୁ ବା ଆଇନଜୀବୀ ଏପରିକି ମୁଦଲା-ମୁଦେଇ, କ୍ଲାସଟିଚର ହୁଅନ୍ତୁ ବା ବିଦ୍ୟାଳୟର ପିଅନ କେଉଁ ଚାକିରୀରେ ବା କେଉଁ କ୍ଷେତ୍ରରେ ବା ଚାପ ନାହିଁ ? ଆଜିକାଲିର ହାଇଟେକ୍ ଯୁଗରେ ମଣିଷ ସମାଜ ସବୁ କ୍ଷେତ୍ର, ସବୁମହଲ, ସବୁପରିସ୍ଥିତିରେ ଚାପଗ୍ରସ୍ତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆହୁରି ତଥ୍ୟରେ ଉଲ୍ଲେଖ କରିଛନ୍ତି ବିଶ୍ୱରେ ୩୨ କୋଟି ୨୦ ଲକ୍ଷ ଲୋକ ମାନସିକ ଚାପର ଶିକାର ହୋଇଛନ୍ତି। କେବଳ ଏହାର ଅଧାଭାଗ ଲୋକ ଦକ୍ଷିଣ - ପୂର୍ବ ଏସିଆ ଅଞ୍ଚଳ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାସ କରନ୍ତି। ତେବେ ଚାପଗ୍ରସ୍ତ ଅଧିକାଂଶ ଲୋକ ଭାରତ ଓ ଚାଇନା ଭଳି ଦୁଇଟି ଦେଶର ଅନ୍ତର୍ଭୁକ୍ତ ବୋଲି ଏଥିରେ କୁହାଯାଇଛି। ଚାଇନା ଓ ଭାରତ ହେଉଛନ୍ତି ପୃଥିବୀର ଦୁଇଟି ବୃହତ୍ତ ବୃହତ୍ତ ମହାଶକ୍ତି। ଆର୍ଥିକ, ସାମରିକ, କୂଟନୈତିକ ଓ ବିଶ୍ୱର ବାଣିଜ୍ୟିକ ସବୁ କ୍ଷେତ୍ରରେ ଏହି ଦୁଇଟି ମହାଦେଶର ଲୋକମାନଙ୍କର ରୋଗର କାରଣ ହେଉଛି ଚାପ। ୨୦୦୫ରୁ ୨୦୧୫ ମଧ୍ୟରେ ସମୁଦାୟ ଚାପଗ୍ରସ୍ତ ଲୋକଙ୍କ ସଂଖ୍ୟା ୧୮.୪ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୫ରେ ଭାରତରେ ମାନସିକ ଚାପର ଶିକାର ହୋଇଥିବା ଲୋକଙ୍କ ସଂଖ୍ୟା ୫,୬୬,୭୫,୯୬୯। ୨୦୧୫ରେ ଏହା ସମୁଦାୟ ଲୋକସଂଖ୍ୟାର ୪.୫ ପ୍ରତିଶତ। ଏଥିସହିତ ଉଦ୍‌ବେଗଜନିତ ସମସ୍ୟାରେ ପୀଡ଼ିତ ଲୋକଙ୍କ ସଂଖ୍ୟା ୩,୮୪,୨୫୦,୯୩ ହୋଇଥିବା ବେଳେ ଏହା ହେଉଛି ସେହିବର୍ଷ ଲୋକସଂଖ୍ୟାର ୩ ପ୍ରତିଶତ। ଏଥିରେ ପୁଣି କୁହାଯାଇଛି ଯେ, ୨୦୧୫ରେ ପାଖପାଖି ୭,୮୮,୦୦୦ ଲୋକ ଆତ୍ମହତ୍ୟା କରାଣରୁ ମୃତ୍ୟୁବରଣ କରିଥିବା ବେଳେ ଏହାଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ହେଁ ଏଥିରେ ସଫଳ ହୋଇପାରି ନଥିଲେ। ଜୀବନର ପ୍ରତିପାଦରେ ଆମେ ସମସ୍ତେ ଚାପକୁ ସମ୍ମୁଖୀନ ହେବା। କିନ୍ତୁ ଏହି ଚାପକୁ କିପରି ଅତିକ୍ରମ କରି ନିଜ ମାନସିକ କ୍ଷେତ୍ରକୁ ସଶକ୍ତ ଓ ଅନ୍ୟମାନଙ୍କ ପାଇଁ ଅନୁପ୍ରେରିତ କରିବାର ସାମର୍ଥ୍ୟ ରଖିପାରିବା ତାହା ହେଉଛି ମଣିଷ ଜୀବନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା।

**(ସୌଜନ୍ୟ: ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ଦୂରଭାଷ: ୯୧୩୨୪୩୩୩୩୩)**

# ଏପିଜେ କଲାମ: ଏକ ଅଧ୍ୟୟନ



ଭାରତରତ୍ନ ଏପିଜେ ଅବଦୁଲ କଲାମ ୧୫ ଅକ୍ଟୋବର ୧୯୩୧ରେ ରାମେଶ୍ୱରମ୍ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୁରା ନାମ ଅବୁଲ୍ ଫକୀର୍ ଜୈନୁଲ୍‌ବିଦ୍ଦିନ୍ ଅବଦୁଲ କଲାମ। ତାଙ୍କ ପିତାଙ୍କ ନାମ ଜଇନୁଲାବଦିନ ଓ ମାତାଙ୍କ ନାମ ଥିଲା ଆଶି ଆମ୍ମା। ତାଙ୍କ ପିତା ଥିଲେ ଡଙ୍ଗା ଚାଳକ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପୁତ୍ରକୁ କୌଣସି ଭଲ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ପଢ଼ାଇପାରିନଥିଲେ। ଏଇଥିପାଇଁ କାଲାମ ପ୍ରତିଦିନ ପାଠପଢ଼ା ପରେ ହକର ସାଜି ଖବର କାଗଜ ବିକି ବାପାଙ୍କ ପାଇଁ କିଛି ଆର୍ଥିକ ସହଯୋଗ କରୁଥିଲେ। ଆରମ୍ଭରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ସେ ସେଂଟ ଯୋଶେଫ କଲେଜ ଏବଂ ମାଡ୍ରାସ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ତାପରେ ସେ ଜଣେ ବିଜ୍ଞାନୀ ଭାବେ ଦକ୍ଷତା ହାସଲ କରି ପରେ ମହାକାଶ ବିଜ୍ଞାନୀ ଭାବେ ପାରଙ୍ଗମତା ଲାଭ କଲେ। ସେ ଉଚ୍ଚାରଣ ଏବଂ ଆଚରଣରେ ଠିକ୍ ଥିଲେ। ସେ ସ୍ୱପ୍ନ ଦେଖୁଥିଲେ ଏବଂ ସ୍ୱପ୍ନକୁ ସାକାର କରିଥିଲେ। ତାଙ୍କ ମତରେ 'ତୁମେ ଯଦି ସୂର୍ଯ୍ୟଙ୍କ ପରି ଜଳିବାକୁ ଚାହୁଁଛ, ଆଗ ନିଜ ଜଳ। ଲକ୍ଷ୍ୟରେ ପହଂଚିବା ପାଇଁ ଦୃଢ଼ନିଷ୍ପତ୍ତି, କଠିନ ପରିଶ୍ରମ, କଠିନ ଅଧ୍ୟବସାୟ ସହ ଜୀବନରେ ପ୍ରତିଶ୍ରୁତିବଦ୍ଧତା ଦରକାର। ତାହାହେଲେ କାହା ପାଇଁ ଅସମ୍ଭବ ବି ସମ୍ଭବ ହୋଇପାରେ।' କଲାମ ହେଉଛନ୍ତି ଭାରତୀୟ କ୍ଷେପଣାସ୍ତ୍ରର ଜନକ। ତାଙ୍କ ଯୋଗୁଁ ଭାରତର ମହାକାଶ ଗବେଷଣା ଉନ୍ନୟନ ଏବଂ କ୍ଷେପଣାସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି ହେଲା ଏବଂ ଭାରତ ଏ ଦିଗରେ ବିଶ୍ୱର ଶକ୍ତିଶାଳୀ ପଂଚରାଷ୍ଟ୍ର ସମକକ୍ଷ ହୋଇପାରିଲା। ଯେ ଯେଉଁ କ୍ଷେପଣାସ୍ତ୍ରର ପରିକଳ୍ପନା କରିଥିଲେ ତାହାର ସଫଳ ରୂପାୟନ ହେଉଛି 'ଅଗ୍ନି', 'ପୃଥିବୀ', 'ଆକାଶ', 'ତ୍ରିଶୂଳ' ଓ 'ନାଗ'। ସେ ଥିଲେ କ୍ଷେପଣାସ୍ତ୍ର ମାନବ ବା ମିଜାଇଲ୍ ମ୍ୟାନ୍। ବିଫଳତାରୁ ସଫଳତା ଲାଭ କରିଥିବା ମଣିଷ ହେଉଛନ୍ତି କଲାମ। ତାହାହିଁ ତାଙ୍କୁ ଆଜି ସୌଭାଗ୍ୟର ଶୀର୍ଷସୀମାରେ ପହଂଚାଇ ପାରିଛି ଏବଂ ତାହାରି ବଳରେ ବିଶ୍ୱରେ ଭାରତକୁ ସେ ପରମାଣୁ ଶକ୍ତିରାଷ୍ଟ୍ର ଭାବରେ ପ୍ରତିପାଦନ କରିପାରିଛନ୍ତି। ତାଙ୍କରି କୃତିତ୍ୱ ଏବଂ କାର୍ଯ୍ୟାବଳୀ ଯୋଗୁଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ସେଗୁଡ଼ିକ ହେଲା ୧୯୮୧ରେ ଭାରତ ସରକାରଙ୍କର 'ପଦ୍ମଭୂଷଣ', ୧୯୯୦ରେ ଭାରତ ସରକାରଙ୍କର 'ପଦ୍ମ ବିଭୂଷଣ', 'ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟସ୍‌ଙ୍କର 'ଡିଷ୍ଟିଙ୍ଗୁଇସ୍ ଫେଲୋ ପୁରସ୍କାର ୧୯୯୪, ୧୯୯୭ରେ ଭାରତ ସରକାରଙ୍କ 'ଭାରତରତ୍ନ', ୧୯୯୭ରେ 'ଇନ୍ଦିରା ଗାନ୍ଧି ଆୱାର୍ଡ ଫର୍ ନ୍ୟାସ୍‌ନାଲ ଇଂଟିଗ୍ରେସନ' ଭାରତୀୟ ଜାତୀୟ କଂଗ୍ରେସ ତରଫରୁ, ୧୯୯୮ରେ 'ବୀର ସଭରକର ଆୱାର୍ଡ' ଭାରତ ସରକାର, ଆୱାର ରିସର୍ଚ୍ଚ ସେଂଟର ତରଫରୁ 'ରାମାନୁଜ ଆୱାର୍ଡ ୨୦୦୦', ୨୦୦୭ରେ ଓଭର ହାମ୍ପଟନ୍ ବିଶ୍ୱବିଦ୍ୟାଳୟ ବ୍ରିଟେନ୍ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ' ପୁରସ୍କାର, ରୋୟାଲ ସୋସାଇଟି ବ୍ରିଟେନ୍ ତରଫରୁ ୨୦୦୭ରେ 'କିଙ୍ଗ ଚାର୍ଲସ ସମ୍ମାନ' ଏବଂ କ୍ୟାଂବ୍ରିଜୀ ବିଶ୍ୱବିଦ୍ୟାଳୟ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ସମ୍ମାନ ୨୦୦୭, ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି, ସିଙ୍ଗାପୁର ତରଫରୁ 'ଡକ୍ଟରେଟ୍ ଅଫ୍ ଇଂଜିନିୟରିଂ ୨୦୦୮', କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆମେରିକା ତରଫରୁ 'ଇଂଟର ନ୍ୟାସନାଲ ବନ କର୍ମନ ଉଇଙ୍ଗ୍‌ସ ପୁରସ୍କାର ୨୦୦୯', ଏଏସ୍‌ଏମ୍‌ଇ ପ୍ରତିଷ୍ଠାନ, ଆମେରିକା ତରଫରୁ 'ହୁଭର ମେଡଲ ୨୦୦୯', 'ଡକ୍ଟରେଟ୍ ଉପାଧି, ୨୦୦୯' ଓକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ଇଂଜିନିୟରିଂ ପୁରସ୍କାର ୨୦୧୦' ୱାଟରଲୁ ବିଶ୍ୱବିଦ୍ୟାଳୟ, 'ଆଇଇଇରେ ସଭ୍ୟପଦ ୨୦୧୧', 'ଡକ୍ଟର ଅଫ୍ ଲ' ଉପାଧି' ୨୦୧୨' ସିମନ୍ ଫ୍ରାଜର ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ସାଇନ୍ସ ଉପାଧି ୨୦୧୪' ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍। ଡ.କଲାମ ଖାଲି ଜଣେ ବିଜ୍ଞାନୀ ନୁହଁନ୍ତି, ସେ ଜଣେ ବିଶିଷ୍ଟ ସାହିତ୍ୟିକ। ତାଙ୍କର ଲୋକପ୍ରିୟ ପୁସ୍ତକ ହେଲା 'ୱିଙ୍ଗ୍‌ସ ଅଫ୍ ଫାୟାର',



'ଇଣ୍ଡିଆ ୨୦୨୦' ଓ 'ଇଉନାଇଟେଡ୍ ମାଇଣ୍ଡ'। ଅନ୍ୟାନ୍ୟ ବହି ଭିତରେ ଅଛି 'ଡେଭଲପ୍‌ମେଂଟସ୍ ଇନ୍ ଫ୍ଲୁଇଡ୍ ମେକାନିକସ୍ ଆଣ୍ଡ ସ୍ପେସ୍ ଟେକ୍ନୋଲୋଜି ୧୯୮୮, ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ୧୯୮୮, ଇଣ୍ଡିଆ ୨୦୨୦ (୧୯୯୮), ଉଇଙ୍ଗ୍‌ସ ଅଫ୍ ଫାୟାର୍ସ - ୧୯୯୯, ଇଉନାଇଟେଡ୍ ମାଇଣ୍ଡସ୍-୨୦୦୨, ଦି ଲୁମିନିୟସ୍ ସ୍ପାର୍କସ-୨୦୦୪, ମିଶନ ଇଣ୍ଡିଆ-୨୦୦୫, ଇନ୍‌ସ୍ପାୟାରିଂ ଥଟ୍-୨୦୦୭, ଇଣ୍ଡୋମିଟେବଲ ସ୍ପିରିଟ୍, ଏନ୍‌ଭିଜନିଂ ଆନ୍ ଇମ୍ପାୱାର୍ଡ ନେସନ୍, ୟୁ ଆର୍ ବର୍ଣ୍ଣ ଟୁ ବ୍ଲୁସମ୍ ୨୦୧୧, ଟାରଗେଟ୍ ଥ୍ରୀ ବ୍ରିଲିୟାନ୨୦୧୧, ଟର୍ଣ୍ଣିଂ ପଏଂଟ-୨୦୧୨, ମାଇଁ ଜର୍ଣ୍ଣି-୨୦୧୩, ଏ ମେନିଫେଷ୍ଟୋ ଫର୍ ଚେଂଜ ୨୦୧୪, ଫର୍ଜ ଇୟର ଫ୍ୟୁଚର-୨୦୧୪, ରିଇ ଗ୍ନାଇଟେଡ୍-୨୦୧୫, ଟ୍ରାନ୍ସେ ଡେନ୍ସ ମାଇ ସ୍ପିରିଚୁଆଲ୍ ଏକ୍ସପେରିଏନ୍ସ ଉଇଥ୍ ସ୍ୱାମୀଜୀ-୨୦୧୫। ମଣିଷ ହିସାବରେ ସେ ଅତ୍ୟନ୍ତ ସରଳ, ଅମାୟିକ, ନିରହଂକାରୀ, ଶ୍ରଦ୍ଧାଳୁ ବ୍ୟକ୍ତିତ୍ୱ ଥିଲେ। ସେ ଜଣେ ନିର୍ଦ୍ଦଳୀୟ ସର୍ବଜନ ଆଦରଣୀୟ ବ୍ୟକ୍ତିତ୍ୱ ଯେଉଁଥିପାଇଁ ସେ ସବୁ ଦଳର ସମ୍ମତିକ୍ରମେ ରାଜନୀତି ଉର୍ଦ୍ଧ୍ୱରେ ଥାଇ ୨୦୦୨ ମସିହାରେ ଭାରତର ଲୋକପ୍ରିୟ ରାଷ୍ଟ୍ରପତି ବା ପିପୁଲ୍‌ସ ପ୍ରେସିଡେଂଟ ହୋଇପାରିଥିଲେ। ସେ ଅତ୍ୟନ୍ତ ଶିଶୁ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ପାଠ ପଢ଼ାଇବା ମାଧ୍ୟମରେ ସେ ଅଭିଜ୍ଞତାକୁ ବାଂଟିବା ପାଇଁ ବେଶ୍ ଭଲ ପାଉଥିଲେ। ସେଥିପାଇଁ ରାଷ୍ଟ୍ରପତି ଥିବା ବେଳେ ଏବଂ ତାପରେ ବି ନିଜର ପରିଚୟ ଅକ୍ଷୁର୍ଣ୍ଣ ରଖିଛନ୍ତି। ଆଇଆଇଏମ୍ ଅହମ୍ମଦାବାଦ, ଇନ୍ଦୋରରେ ଅତିଥି ପ୍ରଫେସର ଭାବେ ସେ ମଧ୍ୟ ଶିକ୍ଷକତା କରିଛନ୍ତି। ଏହାଛଡ଼ା ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ଇଂଜିନିୟରିଂ ଆଣ୍ଡ ରିସର୍ଚ୍ଚରେ ସେ କୁଳାଧିପତି ଥିଲେ ଏବଂ ଆନ୍ନା ୟୁନିଭରସିଟିରେ ଏରୋସ୍ପେସ୍ ଇଂଜିନିୟରିଂ ପ୍ରଫେସର ଭାବେ କାମ କରିଛନ୍ତି ରାଷ୍ଟ୍ରପତି ଦାୟିତ୍ୱରୁ ଅବସର ପରେ। ଓଡ଼ିଶା ସହିତ ତାଙ୍କର ସଂପର୍କ ଖୁବ୍ ନିବିଡ଼। ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଂଟରିମ୍ ଟେଷ୍ଟରେଞ୍ଜର ପ୍ରଧାନ ସ୍ଥପତି ଥିଲେ ସିଏ। ଏହି ଠାରୁ ତାଙ୍କ ତତ୍ତ୍ୱାବଧାନରେ ୧୯୮୯ ମେ ୨ ତାରିଖରେ ଅଗ୍ନି-୧ ପରେ ଏପ୍ରିଲ ୧୧ ୧୯୯୯ରେ ଅଗ୍ନି-୨ ପରୀକ୍ଷଣ ହୋଇଥିଲା। ଏମିତି ଆହୁରି ବି କେତେ। ଚାନ୍ଦିପୁର ଓ ହ୍ୱିଲର ଦ୍ୱୀପକୁ 'ଥିଏଟର ଅଫ୍ ଆକ୍ସନ' ନାମରେ ନାମିତ କରିଛନ୍ତି ସିଏ। କାରଣ ଏହିଠାରୁ କ୍ଷେପଣାସ୍ତ୍ର ମାନ ପରୀକ୍ଷା ନିରୀକ୍ଷା ହୁଏ। ଜୀବନର ଶେଷ ମୁହୂର୍ତ୍ତରେ ସେ ଓଡ଼ିଶା ଭ୍ରମଣରେ ଆସି ରାଉରକେଲା ଏବଂ ଆଉ କିଛି ସ୍ଥାନରେ ବୁଲି 'ଛାତ୍ରମାନଙ୍କୁ ସ୍ୱପ୍ନ ଦେଖ ଓ ତାକୁ ବାସ୍ତବ କର' ଉପରେ ଗୁରୁତ୍ୱପୂର୍ଣ୍ଣ ଭାଷଣ ଓ ପରାମର୍ଶ ଦେଇଛନ୍ତି। ସେ କହିଥିଲେ ନିଜ କାମ ନିଜେ କର, ସବୁ ମୁହୂର୍ତ୍ତ ଶୁଭବେଳା। ସେ ଖୁବ୍ ଭଲ ପାଉଥିଲେ ସଙ୍ଗୀତ ଓ ବୀଣାର ଝଂକୃତ ପୂର୍ଣ୍ଣିମା ରାତିରେ ସାହାନାଇ। କହୁଥିଲେ : ଖା ପିତା, ପଢ଼ ଗୀତା। ସେ ନିଜ ପଦମର୍ଯ୍ୟାଦା ପ୍ରତି ବହୁତ ଧ୍ୟାନ ଦେଉଥିଲେ। ସେଥିରେ ଜଣେ ମହାଦାନୀ, ସବୁ ଅର୍ଥ ସେ ଦାନ କରିଦେଇଥିଲେ କାହାରି ହିତାର୍ଥେ। ଏମିତି କି ରାଷ୍ଟ୍ରପତି ଥିବା ବେଳେ ତାଙ୍କ ଦରମା। ସ୍ୱପ୍ନ ଥିଲା - ଭାରତ ବିକଶିତ ହେଉ ଏବଂ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରୁ। ଏପରି ଜଣେ ବ୍ୟକ୍ତିତ୍ୱଙ୍କର ମେଘାଳୟ ଶିଲଂ ରେ ଏକ ବକ୍ତୃତା ଦେବା ବେଳେ ମୃତ୍ୟୁ ହୁଏ ୨୭ ଜୁଲାଇ ୨୦୧୫ରେ। ପ୍ରଣାମ କାଲାମ !

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଖୋର୍ଦ୍ଧା, ମୋ-୯୯୩୮୩୪୪୧୩୮**

# ଗାନ୍ଧିଜୀଙ୍କ ପରେ ଦେଶକୁ ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ ଜୟପ୍ରକାଶ



ଭୁବନେଶ୍ୱର (ପିଏନ୍): ସାଧାରଣ ଗରିବ ଶ୍ରେଣୀର ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଜୟପ୍ରକାଶ କାର୍ଯ୍ୟ କରୁଥିଲେ। ଏକ ଶୋଷଣହୀନ ସମାଜ ଗଠନ କରିବା ନିମନ୍ତେ ସେ ଅହରହ ଉଦ୍ୟମ କରୁଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତବର୍ଷକୁ ଏକ ନୂତନ ଦିଶା ଦେବା ସହିତ ସ୍ୱାଧୀନତା ଆଣିଥିଲେ। ସେହିପରି ଗାନ୍ଧିଜୀଙ୍କ ପରେ ଦେଶକୁ ଦ୍ୱିତୀୟ ସ୍ୱାଧୀନତା ଦେଇଥିଲେ ଲୋକନାୟକ ଜୟପ୍ରକାଶ ନାରାୟଣ ବୋଲି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ମତବ୍ୟକ୍ତ କରିଛନ୍ତି। ଗତ ଶୁକ୍ରବାର ଇଡ୍‌କଲ ଅଡ଼ିଟୋରିୟମଠାରେ ଜୟପ୍ରକାଶ ଫାଉଣ୍ଡେସନ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜୟନ୍ତୀ ଉତ୍ସବ ଓ ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ଉପାଧ୍ୟକ୍ଷ ଶ୍ରୀ ହରିବଂଶ ଯୋଗଦେଇ କହିଥିଲେ ଯେ ଗାନ୍ଧୀଆନ ଅର୍ଥନୀତି ଭାରତବର୍ଷର ଅର୍ଥନୀତିକୁ ସୁଦୃଢ଼ କରିପାରିବ। ସେହିପରି ବିଶ୍ୱର ସମସ୍ତ ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରକୃତି ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦ ଦେଇଛି। କିନ୍ତୁ ମଣିଷର ଲୋଭଗ୍ରସ୍ତ ହୋଇ ତାହାକୁ ଧ୍ୱଂସ କରୁଛି। ତେଣୁ ଆଜିଠାରୁ ସତର୍କ ନହେଲେ ଆମର ଭବିଷ୍ୟତ ବଂଶଧର ଏହାର କୁପରିଣାମ ଭୋଗ କରିବେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଔପନ୍ୟାସିକ ତଥା ସମାଜବାଦୀ ନେତା ଡଃ ବିଭୂତି ପଟ୍ଟନାୟକ ଯୋଗଦେଇ କହିଲେ ଯେ, ଜୟପ୍ରକାଶ ମୋ' ପାଇଁ ଥିଲେ ଜଣେ ଅଭିଭାବକ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ମୁଁ ସମାଜବାଦୀ ଦଳରେ ଯୋଗ ଦେଇଥିଲି। ଗାନ୍ଧିବାଦୀଙ୍କ ପରି ଜୟପ୍ରକାଶ ନାରାୟଣ କେବେ କ୍ଷମତା ରାଜନୀତି ପ୍ରତି ଆକୃଷ୍ଟ ହୋଇ ନିର୍ବାଚନ ଲଢିନଥିଲେ। ତାଙ୍କୁ ୩ ଥର ପ୍ରଧାନମନ୍ତ୍ରୀ ପଦ ଯଚ୍ଚ ହୋଇଥିଲେ ମଧ୍ୟ ସେ ତାହା ପ୍ରତି ଆକୃଷ୍ଟ ହୋଇନଥିଲେ। ତେଣୁ ବାସ୍ତବରେ ଜନସାଧାରଣ ସ୍ୱତପ୍ରବୃତ୍ତ ଭାବେ ତାଙ୍କୁ ଲୋକନାୟକ ଆଖ୍ୟା ଦେଇଥିଲେ। ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ 'ଓଡ଼ିଶା ଭାସ୍କର'ର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ସମାଜସେବୀ ମୁନା ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମାଜସେବୀ ଚିତ୍ତ ରଞ୍ଜନ ମହାନ୍ତି, ଆଇନ୍‌ଜୀବୀ ଶିଶିର ଦାସ, ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀ, ସମାଜସେବୀ ମୀନକେତନ, ସମାଜବାଦୀ ନେତା ବିଶ୍ୱନାଥ ଧଳ, ପ୍ରଶାନ୍ତ ମିଶ୍ର ଓ ଉତ୍ତମ କାର୍ଯ୍ୟ ପାଇଁ 'ଲାଭସ' ଅନୁଷ୍ଠାନକୁ ଲୋକନାୟକ ସମ୍ମାନ-୨୦୧୯ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଅତିଥିମାନଙ୍କ ଦ୍ୱାରା ଫାଉଣ୍ଡେସନର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ଫାଉଣ୍ଡେସନର ସଭାପତି ସୁଶ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ପଞ୍ଚାନନ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଉତ୍ସବକୁ ପରିଚାଳନା କରିଥିଲେ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ପ୍ରଭାସ ସାମନ୍ତରାୟ। ଶେଷରେ ସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗଜଲକ୍ଷ୍ମୀ ପୂଜା କମିଟିର ରୌପ୍ୟଜୟନ୍ତୀ ଉତ୍ସବ



ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ସନ୍ନିକଟ ମଧୁସୂଦନ ମାର୍ଗସ୍ଥିତ ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ୨୫ ବର୍ଷର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ଏହି ଉପଲକ୍ଷେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକା ଆଦରମଣି ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉପଦେଷ୍ଟା ଜ୍ଞାନରଂଜନ ଦାଶ ଓ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା ବେଳେ କମିଟିର ସଭାପତି ମହମ୍ମଦ ଆୟୁବ, ସଦସ୍ୟ ପ୍ରଦୀପ ପଟ୍ଟନାୟକ, ବିରଞ୍ଚି ପାତ୍ର, ସୃଷ୍ଟିରାଜ ତ୍ରିପାଠୀ ଓ ଭବାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅନୁଷ୍ଠାନର ଶୁଭକାମନା କରିଥିବା ବେଳେ ସଂଗୀତ ଗୁରୁ ଜଳଧର ପ୍ରଧାନଙ୍କ ନିର୍ଦ୍ଦେଶନାରେ ଭଜନ ସମାରୋହ ଅନୁଷ୍ଠିତ ହୋଇ ଭରପୂର ଜନତାଙ୍କୁ ମୁଗ୍ଧ କରିଥିଲା। ନୃସିଂହ କୁମାର ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ଆସନ୍ତା ୧୯ ତାରିଖରେ ବୋର୍ଡ଼କୁ ଘେରିବେ ଶିକ୍ଷକ

ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ଶେଷ ହୋଇଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)ର ପ୍ରଶ୍ନପତ୍ରରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସିଲାବସ ବାହାରୁ ପ୍ରଶ୍ନ ଦିଆଯାଇଥିବାରୁ ଓଟିଇଟି ପରୀକ୍ଷାର୍ଥୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସ୍ଥାନୀୟ ଖାରବେଳ ନଗରସ୍ଥିତ ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡ଼ର) ମହାସଂଘର ସଭାପତି ଶରତ ଚନ୍ଦ୍ର ନାଏକ ବିଭିନ୍ନ ଅଭିଯୋଗ ଆଣିଛନ୍ତି। ଗତ ୨୦୧୮ ମସିହାରେ ଓଟିଇଟି ପରୀକ୍ଷା କରାଯାଇଥିଲା। ପ୍ରଶ୍ନପତ୍ର ସୋସିଆଲ ମିଡ଼ିଆରେ ଭାଇରାଲ ହେବା ଅଭିଯୋଗ ହେବାରୁ ମାଧ୍ୟମିକ ଶିକ୍ଷା ପରିଷଦ ଉକ୍ତ ପରୀକ୍ଷାକୁ ଅନ୍ୟାୟ ଭାବରେ ବାତିଲ୍ କରିଥିଲେ, ତାହାକୁ ମହାସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ତା୫.୮.୧୯ରିଖରୁ ତା୨୨.୯.୧୯ରିଖ ମଧ୍ୟରେ ୪୫ଟି ସେଟ୍‌ରେ ଓଟିଇଟି ପରୀକ୍ଷା କରାଯାଇଥିଲା। ଦୁଃଖର କଥା ଏହିକି ଅନ୍‌ଲାଇନ୍ ପରୀକ୍ଷାରେ ୫୦୦/୬୦୦ କି.ମି. ଦୂରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବାକୁ ବାଧ୍ୟ ହେଲେ। ଓଟିଇଟିର ପ୍ରଶ୍ନପତ୍ର ସିଲାବସ ବାହାରୁ ସିଟିଇଟି ପ୍ରଶ୍ନଗୁଡ଼ିକୁ ବାହାର ରାଜ୍ୟର ଅଣଓଡ଼ିଆମାନଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ବିକୃତ କରି ବଙ୍ଗଳା, ତେଲୁଗୁ ଓ ବିଦେଶୀ ଭାଷାରେ ପରୀକ୍ଷା ଦେବା ପାଇଁ ଓଡ଼ିଆ ଭାଷା ଅପ୍‌ସନାଲ ବନାଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ତାକୁ ଅଣଦେଖା କରି ବୁଝି ହେଉନଥିବା ବିଭିନ୍ନ ଭାଷାର ମିଶ୍ରଣରେ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ଯାହାଫଳରେ ପରୀକ୍ଷାର୍ଥୀମାନେ ପ୍ରଶ୍ନ ବୁଝି ଉତ୍ତର ଦେବା ସମ୍ଭବ ହୋଇନଥିଲା। ଏତଦ୍‌ଭିନ୍ନ ଯେଉଁ କେତୋଟି ପ୍ରଶ୍ନ ବୁଝି ହେଉଥିଲା ସେଗୁଡ଼ିକର ପରୀକ୍ଷାର୍ଥୀ ଠିକ୍ ଉତ୍ତର ଲେଖିଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଅନ୍‌ଲାଇନ୍‌ରେ ପ୍ରକାଶ କରିଥିବା ପ୍ରଶ୍ନ ଓ ଉତ୍ତରରେ ଅନେକ ତ୍ରୁଟି ପ୍ରକାଶ ପାଇଛି ଯଥା : ଓଡ଼ିଶାର ରାଜ୍ୟପାଳ ନବୀନ ପଟ୍ଟନାୟକ, ଚାନ୍ଦିପୁର ଭଦ୍ରକ ଜିଲ୍ଲାରେ ଓ କେଦାରଗୌରୀ କାବ୍ୟର ରଚୟିତା ଫକୀର ମୋହନ ସେନାପତି ଏହିଭଳି ଭାବରେ ଆହୁରି ଅନେକ। ପ୍ରକାଶ ଥାଉକି ପରୀକ୍ଷା ସମୟରେ ପ୍ରଶ୍ନକୁ କିଛି ମାତ୍ରାରେ ସଂଶୋଧନ କରି ଅନ୍‌ଲାଇନ୍‌ରେ ଚ୍ୟାଲେଞ୍ଜ ପାଇଁ ପ୍ରକାଶ କରାଯାଇଛି। ପରୀକ୍ଷା ପରେ ପରେ ମହାସଂଘ ତରଫରୁ ଏକ ପ୍ରତିନିଧି ଦଳ ଏ ପ୍ରକାର ତ୍ରୁଟିକୁ ବିରୋଧ କରି ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଓ ସଭାପତି ମାଧ୍ୟମିକ ଶିକ୍ଷା ପରିଷଦ ସହ ଆଲୋଚନା କରି ଗ୍ରେସ୍ ମାର୍କ ଦେବା ପାଇଁ ଦାବୀ କରିଥିଲେ। ଓଟିଇଟି ପ୍ରଶ୍ନର ଅର୍ଦ୍ଧାଧିକ ଭୁଲ୍ ପ୍ରଶ୍ନ ବା ଭାଷା ବିକୃତ ପ୍ରଶ୍ନ ହୋଇଥିବାରୁ ତାହାକୁ ତର୍ଜମା କରି ଯେଉଁ ପରିକ୍ଷାର୍ଥୀଙ୍କର ୪୦ ମାର୍କରୁ ଅଧିକ ନମ୍ବର ଅଛି ସେମାନଙ୍କୁ ଓଟିଇଟି ପାସ୍ ସାର୍ଟିଫିକେଟ ଦେବା ପାଇଁ ଦାବୀ କରିଛନ୍ତି। ଯଦି ଆସନ୍ତା ତା୧୮.୧୦.୨୦୧୯ରିଖ ସୁଦ୍ଧା ବୋର୍ଡ଼ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେଲେ ଆସନ୍ତା ତା୧୯.୧୦.୨୦୧୯ରିଖ ଠାରୁ ଦାବୀ ପୂରଣ ପର୍ଯ୍ୟନ୍ତ ବୋର୍ଡ଼ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦେବାକୁ ମହାସଂଘର ସଭାପତି ଶ୍ରୀଯୁକ୍ତ ନାୟକ ଚେତାବନୀ ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ, ମହାସଚିବ ହାନେଶ ପାତ୍ର ବାଗ, କୋଷାଧ୍ୟକ୍ଷ ବିଜୟ ମିଶ୍ର, ଉପସଭାପତି ରାଜିବଲୋଚନ ପ୍ରଧାନ, ସପ୍ତମ ବେହେରା, ହେମନ୍ତ କୁମାର ପାତ୍ର, ପ୍ରମୋଦ ବେହେରା, ଅଭିରାମ ସାହୁ, ରଞ୍ଜୁ ଅମାତ ପ୍ରମୁଖ ରାଜ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

